

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୫ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 25 APRIL 2025
Vol.No. 36 ■ No.108 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ମଧୁବନି ମାଟିରୁ ମୋଦିଙ୍କ ହୁଙ୍କାର

## ନରସଂହାରକାରୀଙ୍କୁ କଳ୍ପନା ବାହାରେ ଦଣ୍ଡ ଦେବୁ

ନୂଆଦିଲ୍ଲୀ, ୨୪/୪ : ପହଲଗାମ୍ ନରସଂହାରରେ ସଂପୃକ୍ତ ଆତଙ୍କୀ ଓ ସେମାନଙ୍କ ଆକ୍କାଙ୍କୁ ଆଜି ବିହାର ମଧୁବନିରେ ଏକ ଜନସଭାରୁ ପ୍ରଧାନମନ୍ତ୍ରୀ ମୋଦି ସିଧା ସିଧା ଶୁଣାଇଛନ୍ତି ଏଭଳି ଚରମବାଣୀ। ମଙ୍ଗଳବାର ଉପତ୍ୟକାରେ ଘଟିଥିବା ଛାତିଥରା ଘଟଣା ପରଠୁ ପ୍ରଥମ ଥର ପାଇଁ ମୁହଁ ଖୋଲି ମୋଦି ଆହୁରି ମଧ କହିଛନ୍ତି- ଏ ଆକ୍ରମଣ କେବଳ ପର୍ଯ୍ୟଟକଙ୍କ ଉପରେ ହୋଇନି, ବରଂ ଭାରତର ଆସ୍ଥାକୁ ଆକ୍ରମଣ କରିବାର ଦୁଃସାହସ କରିଛନ୍ତି ଶତ୍ରୁ। ସେମାନଙ୍କୁ ଟ୍ରାକ୍ କରିବୁ, ଖୋଜି ଖୋଜି ସଫା କରିବୁ। ବଡ଼ ବଦଲା ତୟାରିରେ କି ଭାରତ। ପହଲଗାମ୍ ଆତଙ୍କୀ ହମଲାର ଦୁଇ ଦିନ ପରେ ମୁହଁ ଖୋଲି ଶତ୍ରୁଙ୍କୁ ମୋଦିଙ୍କ କଡ଼ା ଚେତାବନୀ ପରେ ସୃଷ୍ଟି ହୋଇଛି ଏଭଳି ମାହୋଲ୍। ବିହାର ମଧୁନବିରୁ ହୁଙ୍କାର ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



କହିଛନ୍ତି - ଆକ୍ରମଣକାରୀ ଆତଙ୍କବାଦୀ ଓ ତାଙ୍କ ପଛରେ ଥିବା ସବୁ ଲୋକଙ୍କୁ ଖୋଜିବୁ, କଳ୍ପନାଠୁ ବି ବଡ଼ ଦଣ୍ଡ ଦେବୁ। ଏମିତିକି ଯେଉଁ ବାକିଥିବା ଭୂଖଣ୍ଡକୁ ଆତଙ୍କବାଦୀ ବ୍ୟବହାର କରୁଛନ୍ତି ତାକୁ ବି ମାଟିରେ ମିଶାଇଦେବୁ। ମୋଦିଙ୍କ ଏଭଳି ଚରମବାଣୀ ପରେ ପୁଣି ତାଜା ହୋଇଛି ପାକିସ୍ତାନ ଉପରେ ୨୦୧୬ର ସର୍ଜିକାଲ ଷ୍ଟ୍ରାଇକ୍ ଓ ୨୦୧୯ର ଏୟାର ଷ୍ଟ୍ରାଇକ୍। ସେପଟେ ଚଡ଼କରେ ଏବେ ୪୨ ଟେରରିଷ୍ଟ ଲଞ୍ଚ ପ୍ୟାଡ୍ ଆକ୍ଟିଭ୍ ଥିବା ଖବର ବି ପହଞ୍ଚି ସାରିଲାଣି ଭାରତୀୟ ସେନା ପାଖରେ। ଗତ ୨୨ ତାରିଖ ଦିନ ଦ୍ୱିପ୍ରହରେ ପହଲଗାମ୍ ନରସଂହାରରେ ସଂପୃକ୍ତ ଆତଙ୍କୀ ଓ ସେମାନଙ୍କ ଆକ୍କାଙ୍କୁ ଆଜି ବିହାର ମଧୁବନିରେ ଏକ ଜନସଭାରୁ ପ୍ରଧାନମନ୍ତ୍ରୀ ମୋଦି ସିଧା ସିଧା ଶୁଣାଇଛନ୍ତି ଏଭଳି ଚରମବାଣୀ। ମଙ୍ଗଳବାର ଉପତ୍ୟକାରେ ଘଟିଥିବା ଛାତିଥରା ଘଟଣା ପରଠୁ ପ୍ରଥମ ଥର ପାଇଁ ମୁହଁ ଖୋଲି ମୋଦି ଆହୁରି ମଧ କହିଛନ୍ତି- ଏ ଆକ୍ରମଣ କେବଳ ପର୍ଯ୍ୟଟକଙ୍କ ଉପରେ ହୋଇନି, ବରଂ ଭାରତର ଆସ୍ଥାକୁ ଆକ୍ରମଣ କରିବାର ଦୁଃସାହସ କରିଛନ୍ତି ଶତ୍ରୁ। ସେମାନଙ୍କୁ ଟ୍ରାକ୍ କରିବୁ, ଖୋଜି ଖୋଜି ସଫା କରିବୁ। ଯେଉଁ ବାକି ରହିଥିବା ଭୂଖଣ୍ଡ ଆତଙ୍କବାଦୀ ବ୍ୟବହାର କରୁଛନ୍ତି, ତାକୁ ଏବେ ମାଟିରେ ମିଶେଇବାର ସମୟ ଆସିଯାଇଛି। ପହଲଗାମ୍ ସଂହାର କୋଟି କୋଟି ଭାରତୀୟଙ୍କୁ ଦୁଃଖ ଦେଇଛି। ମୃତକଙ୍କ ପରିବାର ସହ ଦେଶବାସୀ ଛିଡ଼ା ହୋଇଛନ୍ତି। ୧୪୦ କୋଟି ଭାରତୀୟଙ୍କ ଆଶା ଓ ଆକାଂକ୍ଷାକୁ ନିଶ୍ଚେ ପୂରଣ କରାଯିବ ବୋଲି ବି ପ୍ରତିଶ୍ରୁତି ଦେଇଛନ୍ତି ମୋଦି। ତାସହ ଏଭଳି ଦୁଃସମୟରେ ଆମ ସହ ବିଶ୍ୱର ଯେଉଁ ଦେଶ ଛିଡ଼ା ହୋଇଛନ୍ତି ସେମାନଙ୍କୁ ବି ଧନ୍ୟବାଦ ଜଣାଇଥିଲେ ମୋଦି। ବିହାର ମାଟିରୁ ଆଜି ପିଏମ୍ ମୋଦିଙ୍କ ଏଭଳି ସିଧା ଚେତାବନୀ ପରେ, ସୃଷ୍ଟି ହୋଇଛି ପାକିସ୍ତାନ ଉପରେ ଭାରତର ପୁଣି ଏକ ବଡ଼ ବଦଲା ନେବା ଭଳି ସ୍ଥିତି। ସର୍ଜିକାଲ ନା ଏୟାର ଷ୍ଟ୍ରାଇକ ? ଅବା ତାଠୁ ଆହୁରି କିଛି ବଡ଼ ହମଲା କରିବ ଭାରତୀୟ ସେନା ? ତାକୁ ନେଇ ଚାଲିଛି ଜୋରଦାର ଚର୍ଚ୍ଚା। ୨୦୧୬ ମସିହାରେ ଉରି ଆତଙ୍କୀ ହମଲାରେ ୧୯ ଯବାନଙ୍କ ପ୍ରାଣହାନୀର କଡ଼ା ଜବାବ ଦେଇଥିଲା ଭାରତ ▶▶ପୃଷ୍ଠା ୭

## ଆୟୁଷ୍ମାନ ଯୋଜନାରୁ ସୁଫଳ ମିଳୁନଥିବା ଅଭିଯୋଗ

ଭୁବନେଶ୍ୱର, ୨୩/୪ (ନି.ପ୍ର): ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ପରଠୁ ଚିକିତ୍ସା ସେବା ପାଇବାକୁ ରୋଗୀ ହଇରାଣ ନେଇ ଆସୁଛି ମାଳମାଳ ଅଭିଯୋଗ । କେଉଁଠି ଡାକ୍ତର ଆୟୁଷ୍ମାନ କାର୍ଡରେ ଚିକିତ୍ସା ପାଇଁ ମନା କରୁଛନ୍ତି ତ, ଆଉ କେଉଁଠି ଟଙ୍କଚ ଯୋଗୁଁ ରୋଗୀ ପଞ୍ଜୀକରଣ ବିଳମ୍ବ ଫଳରେ ଚିକିତ୍ସାରେ ବି ହେଉଛି ବିଳମ୍ବ । ଏମିତିକି ଯୋଜନାରେ ବହୁ ସମସ୍ୟା ଥିବା ଅଭିଯୋଗ ଆଣି ସରକାରଙ୍କୁ ମେମୋରାଣ୍ଡମ ଦେଇଛନ୍ତି ହସ୍ପିଟାଲ ସଂଘ । କଟକ ଚୌଦ୍ୱାର ଅଞ୍ଚଳର ବିରଞ୍ଚି ମଲ୍ଲ। ବ୍ରେନ୍ ଷ୍ଟ୍ରୋକ୍ ରେ ପଡ଼ିଥିବା ନିଜ ସମ୍ପର୍କୀୟ ଅଜୟ ମଲ୍ଲଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଧାଇଁ ଆସିଥିଲେ । ଆୟୁଷ୍ମାନ କାର୍ଡ ମିଳି ନଥିଲେ ବି ତାଙ୍କ ପାଖରେ ପୁରୁଣା ବିଏସକେୱାଇ କାର୍ଡ ଅଛି । ଆଭା ନମ୍ବର ବି ବାହାର କରିଛନ୍ତି । କିନ୍ତୁ, ହସ୍ପିଟାଲରେ ତାଙ୍କୁ ଚିକିତ୍ସା କରିବାକୁ ଥିବା ଡାକ୍ତର ଚିକିତ୍ସା ଖର୍ଚ୍ଚର ଏଷ୍ଟିମେସନ୍ କରିବା ସହ




କୋଡ୍ ନଦେବା ଯାଏଁ ଚିକିତ୍ସା ହୋଇପାରିବନି ବୋଲି ସିଧା ସିଧା କର୍ତ୍ତୃପକ୍ଷ କହିଥିବା ନେଇ ଆସିଛି ଅଭିଯୋଗ । ଏମିତିକି ପରବର୍ତ୍ତୀ ସମୟରେ ଡାକ୍ତର ବି ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସା ପାଇଁ ମନା କରିଦେଇଥିବା ନେଇ ହୋଇଛି ଅଭିଯୋଗ । ଫଳରେ ନଗଦ ସାଢ଼େ ୪ ଲକ୍ଷ ଟଙ୍କା ଦେଇ ସେଇ ହସ୍ପିଟାଲରେ ସର୍ଜରୀ କରିବାକୁ ବାଧ ହେଲେ ପରିବାର ଲୋକେ । ବିରଞ୍ଚି କହିଛନ୍ତି, ପୂର୍ବରୁ ସେହି ଇଫକଣ କାର୍ଡରେ ସେ ଅଜୟଙ୍କ ଚିକିତ୍ସା କରାଇଛନ୍ତି । ହେଲେ ସେତେବେଳେ ଏମିତି ଅସୁବିଧା ଦେଖାଦେଇ ନ ଥିଲା । କେବଳ ଅଜୟ ନୁହନ୍ତି, ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ଆସୁଛି ଆୟୁଷ୍ମାନ ଭାରତ ହିତାଧିକାରୀଙ୍କ ଏଭଳି ଗଦାଗଦା ଅଭିଯୋଗ । ଅପରପକ୍ଷେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀରେ ବିଭିନ୍ନ ପ୍ରକାର ସମସ୍ୟା ଥିବା ଅଭିଯୋଗ ଆଣିଛନ୍ତି ବିଭିନ୍ନ ହସ୍ପିଟାଲ ସଂଘ। କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନାରେ ସଫ୍ଟୱେୟାର, ଟେକ୍ନିକାଲ ଓ ଅପରେସନାଲ ଭଳି ଅନେକ ସମସ୍ୟା ଦେଖାଦେଉଛି । ରୋଗୀ ପଞ୍ଜୀକରଣ ବେଳେ ଓଟିପି ଜେନେରେସନ ଟାଇମ୍ ଆଉଟକୁ ୧୦ ମିନିଟକୁ କମାଇ ଦିଆଯାଇଛି। ଏହି କାରଣରୁ ଅନେକ ସମୟରେ ରୋଗୀଙ୍କ ପଞ୍ଜୀକରଣ ବିଳମ୍ବ ହେଉଛି । ଏହାଛଡ଼ା ରୋଗୀ ସହ ଚିକିତ୍ସା ଯୋଗାଉଥିବା ଡାକ୍ତରଙ୍କ ଫଟୋ ଦେବା ବାଧ୍ୟତାମୂଳକ କରାଯାଇଥିବାରୁ, ▶▶ପୃଷ୍ଠା ୭

## ନ୍ୟାସନାଲ ପାର୍କ ମାନ୍ୟତା ପାଇଲା ଶିମିଳିପାଳ ଜାତୀୟ ଉଦ୍ୟାନ




ଭୁବନେଶ୍ୱର, ୨୪/୪ (ନି.ପ୍ର): ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟକୁ ଗୁରୁବାରଠାରୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିଛି। ଏହା ଆଜି ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ (ନ୍ୟାଶନାଲ)ର ମାନ୍ୟତା ପାଇ ନ ଥିଲା। ତେବେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଚିଠି ନମ୍ବର ୯୫୦୦/୨୪-୪-୨୦୨୫ରେ ଏହାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜି କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ଜଙ୍ଗଲ, ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଏନେଇ ସୂଚନା ଦେଇଛନ୍ତି। ଜାତୀୟ ଉଦ୍ୟାନ ମାନ୍ୟତା ପାଇବା ନେଇ ସମସ୍ତ ପ୍ରକାରର ପ୍ରକ୍ରିୟା ଶେଷ ହୋଇଥିବା ସୂଚନା ମିଳିଛି। ପୂର୍ବରୁ ଏହାର କୋର ଓ ବଫର ଅଞ୍ଚଳରେ ବହୁ ଗ୍ରାମ, ଜମିବାଡ଼ି ଆଦି ରହିଥିଲା। ▶▶ପୃଷ୍ଠା ୭

## ପ୍ରଶାନ୍ତ ଶତପଥୀଙ୍କୁ ବିଦାୟ: ଶବାଧାରରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି

### ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା: ପ୍ରଶାନ୍ତଙ୍କ ପରିବାରକୁ ମିଳିବ ୨୦ଲକ୍ଷ ଟଙ୍କାର ସହାୟତା ଓ ତାଙ୍କ ସ୍ତ୍ରୀଙ୍କୁ ଚାକିରି





ବାଲେଶ୍ୱର: ଛୁଟି କାଟିବାକୁ ଯାଇଥିଲେ ଶବ ହୋଇ ଫେରିଲେ । ଆତଙ୍କୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀଙ୍କୁ ଆଜି ଝୁରୁଛନ୍ତି ଆତ୍ମୀୟ ସ୍ୱଜନ। ଖୋଜି ହେଉଛନ୍ତି ପତ୍ନୀ ଓ ପରିବାର । ଗତକାଲି ବିଳମ୍ବିତ ରାତିରେ ଶ୍ରୀନଗରରୁ ଭୁବନେଶ୍ୱର ଆସି ପହଞ୍ଚିଥିଲା ପ୍ରଶାନ୍ତଙ୍କ ମରଶରୀର । ଆଜି ସକାଳେ ବାଲେଶ୍ୱର ଇସାଣୀ ଗାଁରେ ଅନ୍ତିମ ସତ୍କାର କରାଯାଇଛି । ଯିଏ ସାତ ଜନ୍ମର ସାଥୀ ହେବାର ସ୍ୱପ୍ନ ଦେଖାଇ ହାତ ଧରିଥିଲେ । ଯାହାଙ୍କ ପାଇଁ ଶଙ୍ଖା ସିନ୍ଦୁର ନାଇ ଜୀବନ ସାଥୀ ବନିଥିଲେ ।ସିଏ ଆଜି ଯେତେବେଳେ ଇହଧାମରୁ ବିଦାୟ ନେଇ ଯାଉଛନ୍ତି । କେଉଁ ପତ୍ନୀଙ୍କ ବା ଧୈର୍ଯ୍ୟ ରହିବ । ଧର୍ମ ନାଁରେ ଜହ୍ଲାଦ ସାଜିଥିବା ଆତଙ୍କୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀଙ୍କ ପତ୍ନୀ ପ୍ରିୟଦର୍ଶିନୀଙ୍କ ମଥାରୁ ଆଜି ଲିଭିଯାଇଛି ସିନ୍ଦୂର । ସମସ୍ତେ ଲୁହ ଆଉ କୋହରେ ବୁଡ଼ିଛନ୍ତି । ପ୍ରଶାନ୍ତଙ୍କ ମରଶରୀର ▶▶ପୃଷ୍ଠା ୭

## ହିତାଧିକାରୀଙ୍କ ପାଇଁ ଖୁସି ଖବର: ଆଜି ଆସିବ ସୁଭଦ୍ରା ଟଙ୍କା



ଭୁବନେଶ୍ୱର, ୨୪/୪ (ନି.ପ୍ର): ଆଜି ମିଳିବ ସୁଭଦ୍ରା ଟଙ୍କା। ଲକ୍ଷେ ୭୦ ହଜାର ଯୋଗ୍ୟ ହିତାଧିକାରୀଙ୍କୁ ଏଥିରେ ସାମିଲ କରିବେ ରାଜ୍ୟ ସରକାର। ଏହି ପର୍ଯ୍ୟାୟରେ ହିତାଧିକାରୀ ଏକା ବେଳକେ ପାଇବେ ଦୁଇଟି କିସ୍ତିର ୧୦ହଜାର ଟଙ୍କା। ଜାତୀୟ ପଞ୍ଚାୟତିରାଜ ଦିବସରେ ପୁରୀରେ ଷଷ୍ଠ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ଦେବାକୁ ଯାଉଛନ୍ତି ରାଜ୍ୟ ସରକାର। ମାର୍ଚ୍ଚ ୩୧ ସୁଦ୍ଧା ଆବେଦନ କରିଥିବା ମହିଳା ଏହି ପର୍ଯ୍ୟାୟରେ ଟଙ୍କା ପାଇବେ। ଏବେ ଆବେଦନ ବନ୍ଦ ଥିବା ବେଳେ ତୃତୀୟ କିସ୍ତି ପରେ ପୁଣି ଆବେଦନ ପ୍ରକ୍ରିୟା ଆରମ୍ଭ କରାଯିବ। ବାଦ୍ ପଡିଥିବା ଏବଂ ଦ୍ୱିତୀୟ କିସ୍ତି ପାଇନଥିବା ମହିଳାଙ୍କ ଅଭିଯୋଗ ବିଚାର ପରେ ପୁଣି ଆବେଦନ ପ୍ରକ୍ରିୟା ଆରମ୍ଭ କରିବେ ସରକାର। ▶▶ପୃଷ୍ଠା ୭

## ଆଉ ଦୁଇଦିନ ଜାଳିବ: ରବିବାର ଫେରିବ କାଳବୈଶାଖୀ

ଭୁବନେଶ୍ୱର, ୨୪/୪ (ନି.ପ୍ର): ଗୁରୁବାର ଓଡ଼ିଶାର କିଛି ଅଞ୍ଚଳ ପାଇଁ ଗ୍ରୀଷ୍ମ ଲହରୀ ଚେତାବନୀ ଜାରି କରାଯାଇଛି। ରାଜ୍ୟର ଅନେକ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆଲର୍ଟ ଜାରି କରିଛି। ଆଇଏମଡି ପୂର୍ବାନୁମାନ କରିଛି ଯେ ୨୩ ଏପ୍ରିଲରୁ ୨୬ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ତୀବ୍ର ଗ୍ରୀଷ୍ମ ଲହରୀ, ଗୁଳୁଗୁଳି ଏବଂ ରାତି ସମୟରେ ମଧ ପ୍ରବଳ ଗରମ ଅନୁଭବ ହେବାର ସମ୍ଭାବନା ରହିଛି। ବୁଧବାର ଝାରସୁଗୁଡ଼ାରେ ପାରଦ ୪୫ ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିଲା, ଯେତେବେଳେ ସାତଟିରୁ ଅଧିକ ସହରରେ ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ ଉପରେ ରହିଥିଲା। ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଏବଂ ବରଗଡ଼ ▶▶ପୃଷ୍ଠା ୭

## ଆକ୍ରମଣ ପାଇଁ ପ୍ରସ୍ତୁତ ହେଲଣି ଭାରତୀୟ ବାୟୁସେନା: ଆକାଶରେ ଗର୍ଜିଲା ସୁଖୋଇ ଏସୟୁ-୩୦, ରାଫେଲ

ନୂଆଦିଲ୍ଲୀ,୨୪।୪: ପାକିସ୍ତାନ ପ୍ରାୟୋଜିତ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତର ପ୍ରତିକ୍ରିୟା କଠୋର ଏବଂ ଆକ୍ରମଣାତ୍ମକ ହେବାରେ ଲାଗିଛି। ଭାରତୀୟ ବାୟୁସେନା 'ଆକ୍ରମଣ' ଅଭ୍ୟାସ ଆରମ୍ଭ କରିଛି, ଯାହା କେନ୍ଦ୍ରୀୟ କ୍ଷେତ୍ରରେ ଏକ ବଡ଼ ସ୍ତରରେ ଆୟୋଜିତ ହେଉଛି। ଏହି ଅଭ୍ୟାସରେ ରାଫେଲ ଏବଂ ସୁଖୋଇ ଏସୟୁ-୩୦ ଭଳି ଉନ୍ନତ ଯୁଦ୍ଧ ବିମାନ ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ବାୟୁସେନାର ଅମ୍ବାଲା ଏବଂ ହାସିମାରା (ପଶ୍ଚିମବଙ୍ଗ)ରେ ଦୁଇଟି ରାଫେଲ ସ୍କ୍ୱାର୍ଡନ ଅଛି। ସୂତ୍ର ଅନୁସାରେ, ଏହି ଜେଟଗୁଡ଼ିକୁ ଏକାଧିକ ଏୟାରବେସରୁ ମୁତୟନ କରାଯାଇଛି। ଏହି ମିଶନଗୁଡ଼ିକରେ ଭୂମି ଆକ୍ରମଣ, ଇଲେକ୍ଟ୍ରୋନିକ ଯୁଦ୍ଧ ଏବଂ ଦ୍ରୁତ ଗତିରେ ଲକ୍ଷ୍ୟ ଧ୍ୱଂସ ଭଳି ଉପାଦାନ ଅନ୍ତର୍ଭୁକ୍ତ। ଭାରତୀୟ ବାୟୁସେନାର ଏହି



ଅଭ୍ୟାସ ଏପରି ଏକ ସମୟରେ ହେଉଛି ଯେତେବେଳେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ରହିଛି। ପହଲଗାମ ଆକ୍ରମଣ ପରେ ପାକିସ୍ତାନ ଧମକ ଦେଇଥିବା ବେଳେ, ଭାରତ ସ୍ପଷ୍ଟ କରିଛି ଯେ ଏହାର ଜବାବ ଏବେ ଶବ୍ଦରେ ନୁହେଁ ବରଂ ଶକ୍ତିଶାଳୀ କାର୍ଯ୍ୟରେ ଦିଆଯିବ। ଏହି ଅଭ୍ୟାସରେ ଆଇଏଏଫର ଶ୍ରେଷ୍ଠ ବନ୍ଧୁକ ପାଇଲଟମାନେ ଅଂଶଗ୍ରହଣ କରୁଛନ୍ତି, ଯେଉଁମାନଙ୍କୁ ଉଚ୍ଚ ଯୋଗ୍ୟତାସମ୍ପନ୍ନ ପ୍ରଶିକ୍ଷକମାନେ ତଦାରଖ କରୁଛନ୍ତି। ଶତ୍ରୁର ବାୟୁବାହୀ ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀକୁ ମଧ ଏଡାଇ ଦେଇପାରୁଥିବା ମିଟିୟର ମିସାଇଲ, ରାମ୍ପେଜ ଏବଂ ରକ୍ସ ଭଳି ଦୂରଗାମୀ କ୍ଷେପଣାସ୍ତ୍ର ଦ୍ୱାରା ଭାରତର ଶକ୍ତି ଆହୁରି ବୃଦ୍ଧି ପାଇଛି। ଉଲ୍ଲେଖନୀୟ ଯେ ୨୦୧୯ରେ ପୁଲଓ୍ୱାମା ଆକ୍ରମଣ ପରେ, ଭାରତ ମିରାଜ-୨୦୦୦ ସହିତ ବାଲାକୋଟ ଆକ୍ରମଣ କରିଥିଲା।





॥ ଶୁଭଉନ୍ମୋଚନ ॥

ଆସନ୍ତା ୨୮ ତାରିଖ ସୋମବାର 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ଗଳ୍ପ ସଂକଳନ 'ମୁଠାଏ ସ୍ୱପ୍ନ' ଏବଂ 'ସାଗରିକା' ବିଷୁବ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ସାହିତ୍ୟିକ ଓ ସାହିତ୍ୟାନୁରାଗୀଙ୍କୁ ଯୋଗଦାନ ପାଇଁ ସାଦର ନିମନ୍ତ୍ରଣ।

ସ୍ଥାନ : ଷ୍ଟେସନ କ୍ଲବ, ବାଲେଶ୍ୱର
ସମୟ : ଦିବା ୧୦ ଘଟିକା

ନିବେଦକ:
ଧ୍ୱନିପ୍ରତିଧ୍ୱନି ଓ ସାଗରିକା ପରିବାର
ଜେଲରୋଡ଼, ବାଲେଶ୍ୱର

# ମନ୍ତ୍ରୀ ପରିଷଦ ବୈଠକରେ ଓଡ଼ିଶା ଭିଜନ୨୦୩୬ ଓ ୨୦୪୭ ଉପସ୍ଥାପନ ଓ ସବିଶେଷ ଆଲୋଚନା

ଭୁବନେଶ୍ୱର,୨୪/୪(ନି. ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦଙ୍କ ସପ୍ତମ ବୈଠକ ବୁଧବାର ଲୋକ ସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥିର ହୋଇଥିଲା ଯେ, ଆଗାମୀ ୧୫ ଦିନ ମଧ୍ୟରେ 'ଓଡ଼ିଶା ଭିଜନ୨୦୩୬ ଓ୨୦୪୭' ଉପରେ ରାଜ୍ୟର ୪ ଟି ସ୍ଥାନରେ ଆଂଚଳିକ କର୍ମଶାଳା ଅନୁଷ୍ଠିତ କରାଯିବ ସହ ବିଭିନ୍ନ ସ୍ତରରେ ଜନ ପ୍ରତିନିଧି, ଜନସାଧାରଣ, ନାଗରିକ ସମାଜ, ବୁଦ୍ଧିଜୀବୀଙ୍କ ସହିତ ବିଚାରବିମର୍ଶ କରାଯାଇ ଏହି ଭିଜନ ଦସ୍ତାବିଜ କୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯିବ । ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ,ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି । ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏହା ସହାୟକ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଙ୍କ ମାର୍ଗଦର୍ଶନଏବଂ ନୀତି ଆୟୋଗଙ୍କ ସହଯୋଗରେ ସରକାର ଅଗଷ୍ଟ ୨୦୨୪ ଠାରୁ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅନ୍ତର୍ଭୁକ୍ତି,ସମୃଦ୍ଧି ଓ ସମ୍ପନ୍ନତା ଏହି ଭିଜନ ଦସ୍ତାବିଜ ର ଆଧାର । ୨୦୪୭ ସୁଦ୍ଧା୧.୫ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟର ଜିଏସଡିପି ବା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ଲକ୍ଷ୍ୟ ହାସଲ କରିବାଏବଂ ଭାରତର ଜିଡିପିର୫% ଅଂଶଦାର ହେବା ପାଇଁ ଓଡିଶା ଏପର୍ଯ୍ୟନ୍ତ ହାସଲ କରିଥିବା ଅର୍ଥନୈତିକ ଅଭିବୃଦ୍ଧି ହାର କୁ ଅତିକ୍ରମ କରିବା ସହ ଏହାକୁ ଦ୍ରୁତତର କରିବା ଆବଶ୍ୟକ । ସେ କହିଥିଲେ ଯେ ଏହା ଆମ ପାଇଁ ଏକ ଆହ୍ୱାନ ଓ ସୁଯୋଗ । ସହଯୋଗୀ ପରିବେଶ, ସରକାରୀ-ବେସରକାରୀ ନିବେଶ, କାର୍ଯ୍ୟାନ୍ୱୟନ ଜନିତ ସହାୟତା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସମନ୍ୱୟ ବ୍ୟବସ୍ଥା ସହ ଏହି ଲକ୍ଷ୍ୟ ହାସଲ ହୋଇପାରିବ ।୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରି ଏକ ରଣନୈତିକ ପଦକ୍ଷେପ '୩୬ ପାଇଁ ୩୬' ଆରମ୍ଭ କରି ଓଡ଼ିଶାର ଅଭିବୃଦ୍ଧିର ପରିବର୍ତ୍ତନ ଯାତ୍ରାକୁ ତ୍ୱରାନ୍ୱିତ କରାଯିବ। ମନ୍ତ୍ରୀ ପରିଷଦଙ୍କ ସୁଚିନ୍ତିତ ପରାମର୍ଶ ଓ ମାର୍ଗଦର୍ଶନ ଦ୍ୱାରା ଚିଠାକୁ ଚୂଡ଼ାନ୍ତ ରୂପ ଦେବା ସମ୍ଭବ ହେବ, ଏବଂ ତଦନୁଯାୟୀ ସେଥିରେ ସ୍ଥାନିତ ଲକ୍ଷ୍ୟ ଗୁଡିକର ସଫଳ ରୂପାୟନ ପାଇଁ ଏକ କାର୍ଯ୍ୟାନ୍ୱୟନ ଖସଡା ପ୍ରସ୍ତୁତ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ବୈଠକ ରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବାକୁ ରପ୍ତାନୀ ଭିତ୍ତିକ ଉତ୍ପାଦନର ଆବଶ୍ୟକତା ଓ ବିଭିନ୍ନ ନିୟମାବଳୀର ଅନୁପାଳନ ଓ ସରକାରୀ ନିୟନ୍ତ୍ରଣ ର ପ୍ରତିବନ୍ଧକ ହ୍ରାସ ସମ୍ବନ୍ଧରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସୂଚନା ପ୍ରଦାନ କରିଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ୬ ଟିସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସଦସ୍ୟ ମାନେ ଭିଜନ ଦସ୍ତାବିଜର ବିଭିନ୍ନ ଦିଗ ଓ ଲକ୍ଷ୍ୟ ସହ '୩୬ ପାଇଁ ୩୬'ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ଗୁଡିକୁ ମିଳିତ ଭାବେ ଉପସ୍ଥାପନା କରିଥିଲେ । ମୁଖ୍ୟମନ୍ତ୍ରୀ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦେବାର ଆବଶ୍ୟକତା ସମ୍ବନ୍ଧରେ ଗୁରୁତ୍ୱାରୋପ କରିବା ସହ ରାସ୍ତା, ରେଳପଥ, ବନ୍ଦର ଓ ବିମାନ ଯୋଗାଯୋଗ ବ୍ୟବସ୍ଥା ର ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ଆଲୋଚନାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଂଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ,ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଯୋଗାଣ ଓ ଖାଦ୍ୟ ସୁରକ୍ଷା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିବା ସହ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା

ଜୟପୁର,୨୪/୪(ନି. ପ୍ର): ନୁଆଦିଲ୍ଲୀ ସ୍ଥିତ ବିଜ୍ଞାନଭବନ ଠାରେ ପ୍ରାଶାସନିକ ସେବା ଦିବସ ଉପଲକ୍ଷେ (ଡିଆରପିଜି) ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଓ୍ୱାସନ ଏକ୍ସିଲେନ୍ସ ଆୱାର୍ଡ଼ ଗ୍ରହଣ କରି କୋରାପୁଟ ଜିଲ୍ଲା ପାଇଁ ବହୁତ ଗର୍ବ ଆଣିଛନ୍ତି। ଏହି ଅବସରରେ କୋରାପୁଟସ୍ଥିତ ମୁନସିପାଲଟି ଅଡିଟୋରିୟମ ପରିସରରେ ବୁଧବାର ପୂର୍ବାହ୍ନ ୧୧:୩୦ମି ସମୟରେ ଜିଲ୍ଲାସ୍ତରୀୟ ସ୍ୱାଗତ ଓ ସମ୍ବର୍ଦ୍ଧନା ସଭାର ଆୟୋଜିତ ହୋଇଥିଲା। ଏଥିରେ କୋରାପୁଟ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଜିଲ୍ଲା ପ୍ରଶାସନିକ ମୁଖ୍ୟ କୋରାପୁଟ ଜିଲ୍ଲାପାଳ ଶ୍ରୀଯୁକ୍ତ ଭି କୀର୍ତି ଭାସନ ଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ତତ୍ ସହିତ ଜାମ୍ମୁ କାଶ୍ମୀର ଅନନ୍ତନାଗ ଜିଲ୍ଲା ର ପେହେଲଗାମ୍ ରେ ସନ୍ତ୍ରାସବାଦୀ ଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ପ୍ରଶାନ୍ତ ଶତପଥୀଙ୍କ ବିୟୋଗରେ ଦୁଇ ମିନଟ ପାଇଁ ନୀରବ ପ୍ରାର୍ଥନା କରଯାଇଥିଲା। ଦେଶର ପ୍ରଶାସନିକ ସେବା କ୍ଷେତ୍ରରେ କୋରାପୁଟ ଜିଲ୍ଲା ରେ ୧୧ଟି କେନ୍ଦ୍ରୀୟ ଯୋଜନାର କାର୍ଯ୍ୟ ଗୁଡ଼ିକୁ କୋରାପୁଟ ଜିଲ୍ଲାପାଳ ସଫଳ ରୂପାୟନ କରିଥିବା ଯୋଗୁଁ ସଧାରଣ ପ୍ରଶାସନରେ ଉତ୍କର୍ଷତା ପାଇଁ ଗତ ୨୧ ତାରିଖ ରେ ଭାରତ ର ଅତି ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା କୋରାପୁଟ ଜିଲ୍ଲା। ଜିଲ୍ଲାର ସାମଗ୍ରୀକ ବିକାଶ କ୍ଷେତ୍ରରେ ଜିଲ୍ଲା ବର୍ଗରେ ଦେଶର ୭୧୦ଟି ଜିଲ୍ଲା ମଧ୍ୟରୁ ୫ଟି ଜିଲ୍ଲା ଗୁଜୁରାଟର ରାଜକୋଟ, ତ୍ରିପୁରାର ଗୋମତି, ଆସାମର ଟିନସୁକିଆ, ଜାମ୍ମୁକାଶ୍ମୀର ର କୁପଓ୍ୱାରା ଏବଂ ଓଡିଶାର କୋରାପୁଟ ଜିଲ୍ଲା ଉତ୍କର୍ଷତା ପାଇଁ ପ୍ରଧାନମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ପ୍ରାପ୍ତି କରିଛନ୍ତି। ଏଥି ନିମନ୍ତେ କେନ୍ଦ୍ର ସରକାରଙ୍କ ଅଧିକାରୀ ମାନେ କୋରାପୁଟ ଜିଲ୍ଲା ଆସି କେନ୍ଦ୍ର ସରକାରଙ୍କ ୧୧ଗୋଟି ଯୋଜନା ତଥା ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ସକ୍ଷମ ଅଙ୍ଗନବାଡି ଓ ପୋଷଣ ,ପିଏମ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ,ପିଏମ ବିଶ୍ୱକର୍ମା , କିଷାନ କାର୍ଡ , ମିଶନ ଟୀକାକରଣ ,ପିଏମ ଜନ ଆରୋଗ୍ୟ ଯୋଜନା , ହରଘର ଜଳ (ଜଳ ଜୀବନ ମିଶନ), ପ୍ରଧାନମନ୍ତ୍ରୀ ସହର ଓ ଗ୍ରାମୀଣ ଆବାସ ଯୋଜନା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଯୋଜନାର ରୂପାୟନ ଆକଳନ କରିବା ସହ ହିତାଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଏହି ରିପୋର୍ଟ କାର୍ଡ ଅନୁସାରେ ଜିଲ୍ଲାର ସାମଗ୍ରିକ ବିକାଶ ଦିଗରେ କୋରାପୁଟ ଜିଲ୍ଲା ପୁରସ୍କୃତ ହୋଇଛି।

# ଚିଲିକା ହ୍ରଦରେ ଚାଲୁଥିବା ବୋଟରେ ହେବ ଇଥାନଲ ଯୁକ୍ତ ଇନ୍ଧନର ବ୍ୟବହାର

ଭୁବନେଶ୍ୱର,୨୪/୪(ନି. ପ୍ର): ପରିବେଶକୁ ସୁରକ୍ଷା ଦେବା ସହ ପ୍ରଦୂଷଣମୁକ୍ତ କରିବା ଦିଗରେ ଅଗ୍ରସର ହେଉଛନ୍ତି ଓଡ଼ିଶା ସରକାର । ରାଜ୍ୟରେ ୨ଜି ଇଥାନଲର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମିଡ଼ଓ୍ୱେଷ୍ଟ ଏନର୍ଜି କମ୍ପାନୀ ତରଫରୁ ଏକ ଉପସ୍ଥାପନା ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶାରେ ଇଥାନଲ ପ୍ଲାଂଟ ସ୍ଥାପନ କରି ଇନ୍ଧନ ରୂପେ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀ ପ୍ରତିନିଧି ପ୍ରଭାକର ରେଡ୍ଡୀ ପ୍ରସ୍ତାବ ଦେଇଥିଲେ। ଏହା ବ୍ୟତୀତ ଓଡ଼ିଶାର ଚିଲିକା ହ୍ରଦରେ ଚାଲୁଥିବା ବୋଟ ଗୁଡ଼ିକରେ ମଧ୍ୟ ଇଥାନଲ ବ୍ଲେଣ୍ଡିଂ ଇନ୍ଧନ ବ୍ୟବହାର କରିବା ବିଷୟରେ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ପ୍ରଦତ ନିର୍ଦ୍ଦେଶାବଳୀ ଅନୁଯାୟୀ ୨୦୩୦ ସୁଦ୍ଧା ଡିଜେଲରେ ୫ ପ୍ରତିଶତ ଇଥାନଲ ମିଶାଇ ବ୍ୟବହାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ବାସ୍ତବିକ କାର୍ଯ୍ୟରେ ରୂପାନ୍ତର କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଧାନ ଫସଲ ଅମଳ ପରେ ସାଧାରଣତଃ ନଡ଼ା ଗୁଡିକୁ ଜମିରେ ସେମିତି ଛାଡି ଦିଆଯାଏ କିମ୍ବା ନିଆଁ ଲଗାଇ ପୋଡ଼ି ଦିଅନ୍ତି। ସେହି ନଡ଼ାକୁ ବ୍ୟବହାର କରି ୨ଜି ଇଥାନଲ ପ୍ରସ୍ତୁତ କରାଯିବ । କେବଳ ଧାନ ନୁହେଁ, ଆଖୁ,ମକା,ବାଜରା, ଜହ୍ନା ଇତ୍ୟାଦିର ଅନାବଶ୍ୟକ ଅଂଶରୁ ଇଥାନଲ ପ୍ରସ୍ତୁତ ହୋଇପାରିବ। ଏହି ଅଂଶଗୁଡିକୁ ଚାଷୀଙ୍କ ଠାରୁ ସଂପୃକ୍ତ କମ୍ପାନୀ କ୍ରୟ କରି ନେଇ ଇଥାନଲ ଉତ୍ପାଦନ କରିବ ।ଏହା ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବ ଏବଂ ଚାଷୀଙ୍କୁ ପରୋକ୍ଷରେ ରୋଜଗାର ମଧ୍ୟ ପ୍ରଦାନ କରିବ। ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବା ସହ ଦାଦନ ଶ୍ରମିକ ସଂଖ୍ୟା ମଧ୍ୟ କମିବ। ଏହି ଉପସ୍ଥାପନା ପ୍ରଦର୍ଶନ ବେଳେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପର୍ଯ୍ୟଟନ କମିଶନର ତଥା ଶାସନ ସଚିବ ବଲଓ୍ୱନ୍ତ ସିଂ, ଏମଡି ଇପିକଲ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରା ମଦ ଜବତ ୨ ମହିଳା କୋର୍ଟଚାଲାଣ

କେନ୍ଦ୍ରାପଡ଼ା,୨୪/୪(ନି. ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ନିକଟରେ ବାରମ୍ବାର ଚୋରାମଦ ବିକ୍ରି ହେଉଥିବାର ଅଭିଯୋଗ ହେବାପରେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ବୁଧବାର ଚଢାଉ କରି କେନ୍ଦ୍ରାପଡା ଟାଉନ୍‌ଥାନା ଅଧିନସ୍ଥ ସୁଲେଖା ମଳିକଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ବିପୁଳ ଚୋରାମଦ ଜବତ କରିଛନ୍ତି। ବଳଗଣ୍ଡି ଗ୍ରାମର କଳ୍ପନା ସାହୁ ଓ ଶଶୀକାନ୍ତ ମଳିକଙ୍କୁ ଗିରଫ କରାଯାଇ ଏମାନଙ୍କ ନିକଟରୁ ଚୋରାମଦ, ୧୧୪ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉ ସମୟରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଉପନିରୀକ୍ଷକ ଧର୍ମପଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଡେଲାଙ୍ଗ ନାବାଳକ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ପାଇଁ ଓକିଲ ନଦେବାକୁ ଛାତ୍ର କଂଗ୍ରେସର ନିବେଦନ

ପୁରୀ,୨୪/୪(ନି. ପ୍ର): ପୁରୀ ଜିଲ୍ଲା ଛାତ୍ର କଂଗ୍ରେସ ତରଫରୁ ରାଜ୍ୟ ର ପ୍ରତ୍ୟକ ଓକିଲ ସଂଘ ର ଦୃଷ୍ଟି ଆକର୍ଷଣ କରିବାକୁ ଏକ ଦାବିପତ୍ର ପୁରୀ ଜିଲ୍ଲା ଓକିଲ ସଂଘର ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି । ଏହା ସହ ରାଜ୍ୟ ଓକିଲ ସଂଘକୁ ଏହି ଦାବିପତ୍ର ଦେବା ପାଇଁ ଅନୁରୋଧ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୁରୀ ଜିଲ୍ଲା ପିପିଲି ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ଡେଲାଙ୍ଗ ବ୍ଲକର ରତନପୁର ନାବାଳକ ଆଶୀର୍ବାଦ ସାହୁ (୧୧) ଙ୍କ ସହ ତାର ପଡୋଶୀ ଦାଦା ପ୍ରଭାକର ସାହୁ ଓରଫ ବାପି ଅନୈତିକ ସମ୍ପର୍କ ରଖି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ସପକ୍ଷରେ ଓକିଲ ନଦେବା ପାଇଁ ଦଳ ନିବେଦନ କରିଛି । ଏହି ଦାବିପତ୍ର ଦେବା ସମୟରେ ପୂର୍ବତନ ଛାତ୍ର ନେତା ସାହିଲ ମହାନ୍ତି, ଜଗଦୀଶ ରାଉତ, ହେମନ୍ତ ପ୍ରଧାନ ସୁମିତ ପାଲ, ସମ୍ବିତ ପ୍ରଧାନ, ଅସ୍ମିତ ବରାଳ, ଟୁନାଲ ସାମଲ, ସନ୍ତୋଷ ସନ୍ତରା, ଲକି ପ୍ରଧାନ, ଟୁବୁଲା ପାତ୍ର, ବିଷ୍ଣୁ ପ୍ରସାଦ ମହାନ୍ତି, ଆଦର୍ଶ ବରାଳ, ବିଶ୍ୱଜିତ ସ୍ୱାଇଁ ଙ୍କ ସହ ଶତାଧିକ ପୁରୀ ଜିଲ୍ଲା ଛାତ୍ର କଂଗ୍ରେସ କର୍ମୀ ପୁରୀ ଓକିଲ ସଂଘ ଯାଇ ଅନୁରୋଧ ପତ୍ର ଦେବା ସହ ଆଶା ଓ ବିଶ୍ୱାସ ରଖିଛନ୍ତି କି ଆମ୍ଭର ଅନୁରୋଧ କୁ ରକ୍ଷା କରି ଓଡିଶା ର ଓକିଲ ମାନେ ଏକ ଐତିହାସିକ ନିଷ୍ପତି ନେବେ ଏବଂ ଏଭଳି ଅପରାଧ ଭିଆଉଥିବା ଅପରାଧୀ ଙ୍କ ମଧ୍ୟରେ ଏହା ଏକ ବଡ ଦଣ୍ଡ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

# ରାଜ୍ୟସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ,୨୪/୪(ନି. ପ୍ର): ପୁରୀ ତାଳବଣିଆ ଠାରେ ରାଜ୍ୟ ସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ପାଳନ ହେବ ଚଳିତ ମାସ ୨୪ ତାରିଖରେ ।ଏହି ଦିବସ କୁ ଶୃଙ୍ଖଳା ର ସହ ପାଳନ ପାଇଁ ଏକ ଚୁଡାନ୍ତ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅଧ୍ୟକ୍ଷତା କରି ଭାରପ୍ରାପ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ରାଜ୍ୟ ସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ପୁରୀ ଜିଲ୍ଲାରେ ପାଳନ ପାଇଁ ସରକାର ନିଷ୍ପତି ନେଇଛନ୍ତି ଯାହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ ।ଏହାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସ୍ତରୀୟ ଏହି କାର୍ଯ୍ୟକ୍ରମ ଆସନ୍ତା କାଲି ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ ଆରମ୍ଭ ହେବ। ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏଥିରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକ ପ୍ରମୁଖ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି। ସେହିପରି ମୁଖ୍ୟ ସଚିବ ଙ୍କ ସହ ଅନ୍ୟାନ୍ୟ ବିଭାଗର ସଚିବ ମାନଙ୍କ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।ତେଣୁ ସମସ୍ତ କାର୍ଯ୍ୟକୁ ସଫଳ କରିବା ପାଇଁ ଶ୍ରୀ ବେହେରା ସମସ୍ତ ଙ୍କ ସହଯୋଗ କାମନା କରିଥିଲେ ।ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଉତ୍ସବ ସ୍ଥଳକୁ ପ୍ରସ୍ତୁତ କରିବା, ଟେଂଟ ବ୍ୟବସ୍ଥା କରିବା, ଆସୁଥିବା ଲୋକ ମାନଙ୍କୁ ସୁବିଧା ଯୋଗାଇ ଦେବା, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା,ପାର୍କିଂ ସ୍ଥଳ ବ୍ୟବସ୍ଥା,ଶାନ୍ତି ଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ବନ୍ଧ ରେ ସମ୍ପୃକ୍ତ ବିଭାଗ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରୂପଭାନୁ ମିଶ୍ର,ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ,ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା,ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସେବା ଓ ସଂସ୍କାର ପକ୍ଷରୁ ଜଳ ସେବା

ପୁରୀ,୨୪/୪(ନି. ପ୍ର): ସେବା ଓ ସଂସ୍କାର ପକ୍ଷରୁ ପିକେଡିଏ କଲେଜ ରୋଡରେ ଥିବା ରାମେଶ୍ୱର ମହାଦେବ ମନ୍ଦିର ନିକଟରେ ଆଜି ଜଳସେବା ଉଦଘାଟନ ହୋଇଯାଇଛି । ଏହାକୁ ସାମାଜିକ ସଂଗଠନ ଦି ବେଲର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଉଦଘାଟନ କରି କହିଲେ ପ୍ରବଳ ଗ୍ରୀଷ୍ମ ଦାଉରୁ ତୃଷାର୍ତ୍ତ ପଥିକକୁ ଏହି ଜଳ ସେବା କିଞ୍ଚିତ ସାହାଯ୍ୟ କରିବ । ଜଳ ସେବା ଶୁଭାରମ୍ଭ ସମୟରେ ସମାଜସେବୀ ଓ ସାମ୍ବାଦିକା ବନିତା ଦୀକ୍ଷିତ, ବରିଷ୍ଠ ସାମ୍ବାଦିକ ବିଜୟ ମିଶ୍ର, ଅନୁଷ୍ଠାନର ପ୍ରିୟଙ୍କା , ଦୀପକ, ଦିନେଶ, ଓମ୍ ଓ ଅସିତଙ୍କ ସହ ଅନ୍ୟ ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ ।

# ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଅବସରେ ରକ୍ତଦାନ ଶିବିର

ବଲାଙ୍ଗିର,୨୪/୪(ନି. ପ୍ର): ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଉପନିବନ୍ଧ, ସମବାୟ ସମିତି ସମୂହ, ବଲାଙ୍ଗିର ବିଭାଜନ, ବଲାଙ୍ଗିର ଙ୍କ ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରମେଶ ଚନ୍ଦ୍ର ସାହୁ ଶିବିର କୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ଉପନିବନ୍ଧକ ପ୍ରମୋଦ କୁମାର ବରିହା ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ସଭାରେ ମାର୍ଗଦର୍ଶନ କରି ମୁଖ୍ୟ ଅତିଥି ଡା. ସାହୁ ସମବାୟର ଜୀବନ ରକ୍ଷାକାରୀ ପଦକ୍ଷେପ କୁ ଭୂୟସୀ ପ୍ରଶଂସା କରିବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆସିଥିବା ସମବାୟ ପରିବାରର ସମସ୍ତ ଉତ୍ସାହୀ ସିପାହିଙ୍କୁ ସାଧୁବାଦ ଜଣାଇଥିଲେ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମବାୟ ସମିତିର ସମ୍ପାଦକ, ଡିଇଓ, ସଭାପତି, ପରିଚାଳନା ପରିଷଦର ସଭ୍ୟ, ଜିଲ୍ଲା ସମବାୟ ବ୍ୟାଙ୍କ ର କର୍ମଚାରୀ ଓ ସମବାୟ ବିଭାଗର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ଉପନିବନ୍ଧକ ଶ୍ରୀ ବରିହା ସ୍ୱୟଂ ରକ୍ତଦାନ କରିବା ସହିତ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ସହକାରୀ ନିବନ୍ଧକ ଗାବ୍ରିଏଲ ସୋରେଙ୍ଗ, ରବିନ୍ଦ୍ର କୁମାର ପଣ୍ଡା ଶିବିର ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜେଶ ଭୋଇ, ହୃଷିକେଶ ମିଶ୍ର, ଅନିଲ କୁମାର ପଣ୍ଡା ଓ ଅଂଶୁମାନ ପ୍ରଧାନ ବ୍ୟବସ୍ଥାରେ ସହଯୋଗ କରିଥିଲେ । ଜିଲ୍ଲା ରେଡକ୍ରସ ତରଫରୁ ଡା. ଅଶୋକ ମିଶ୍ର, ଶେଖ୍ ଅସରଫ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଙ୍କ ତତ୍ତ୍ୱାବଧାନରେ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏ ଅବସରରେ ରକ୍ତଦାନ କରିଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଜିଲ୍ଲା ରେଡକ୍ରସ ତରଫରୁ ମୁଖ୍ୟ ଅତିଥି ଙ୍କ କରକମଳ ରେ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଉପନିବନ୍ଧକ ଙ୍କ ତରଫରୁ ସମସ୍ତ ରକ୍ତଦାତା ଓ ସହଯୋଗୀ ଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ଶିବିର ସାଙ୍ଗ କରାଯାଇଥିଲା ।

# ଚନ୍ଦନୀପାଳଠାରେ ନୂତନ ଜେଟି ନିର୍ମାଣକୁ ସବୁଜ ସଙ୍କେତ

ଭଦ୍ରକ,୨୪/୪(ନି. ପ୍ର): ଭଦ୍ରକ ଜିଲା ଧାମରା ନିକଟସ୍ଥ ଚନ୍ଦନୀପାଳ ଠାରେ ଜେଟି ନିର୍ମାଣକୁ ନେଇ ଅଂଚଳବାସୀଙ୍କ ବହୁ ପ୍ରତୀକ୍ଷିତ ଦାବୀ ସଫଳ ହୋଇଛି। ପ୍ରାପ୍ତ ଖବରରୁ ଜଣାଯାଇଛି ଅମରନଗର ମୌଜାରେ ଖାତା ନଂ ୧୧୯(ରକ୍ଷିତ),ପ୍ଲଟ ନଂ ୩୨୦ରେ ଏ୨.କର ସ୍ଥାନ ଚିହ୍ନଟ ହୋଇଥିଲା। ଏହି ଜମିର କିସମ ଆଡି ହୋଇଥିବା ବେଳେ ଏହାର କିଷମ ପରିବର୍ତନ ପାଇଁ ସ୍ଥାନୀୟ ଅଂଚଳବାସୀ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରି ଆସୁଥିଲେ। ସେମାନଙ୍କ ଦାବୀ କୁ ସମ୍ମାନ ଦେଇ ଭଦ୍ରକ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶରେ ଚାନ୍ଦବାଲି ତହସିଲଦାର ଏହାର କିସମ ପରିବର୍ତନ କରିଥିଲେ। ଚନ୍ଦନୀପାଳ ଏବଂ କେନ୍ଦ୍ରାପଡା ଜିଲ୍ଲାର ମସ୍ୟଜିବୀ ମାନେ ମସ୍ୟ ବିଭାଗ ପାଖରେ ଚନ୍ଦନୀପାଳ ଠାରେ ଏହି ଜେଟୀ ନିର୍ମାଣ ହେଲେ ଭଦ୍ରକ ଏବଂ କେନ୍ଦ୍ରାପଡା ଜିଲ୍ଲାର ମସ୍ୟଜିବୀ ମାନେ ଉପକୃତ ହୋଇ ପାରିବେ ବୋଲି ବିଭାଗୀୟ ଅଧିକାରୀଙ୍କ ଅବଗତ କରାଇଥିଲେ। ୨୦୨୧ ମସିହାରେ ଚେନ୍ନାଇ ଆଇ ଆଇ ଟି ର ଏକ ୪ଜଣିଆ ବୈଷୟିକ ଟିମ ପ୍ରକଳ୍ପ ମୁଖ୍ୟ ଆର ରଘୁଲ ଙ୍କ ନେତୃତ୍ୱରେ ଆସି କ୍ଷେତ୍ରୀୟ ପରିଦର୍ଶନ କରିଥିଲେ ଏବଂ ଚନ୍ଦନୀପାଳ ଏବଂ ଗଭୀର ସମୁଦ୍ରର ସ୍ଥିତିକୁ ନିରୀକ୍ଷଣ କରିବା ସହ ଏଠାରେ ୨ଦିନ ରହଣି କାଳରେ ସମୁଦ୍ରର ଜୁଆର ଭଟ୍ଟା ଦେଖିବା ସହ ଉପଗ୍ରହ ମାଧ୍ୟମରେ ସମସ୍ତ ଅନୁସନ୍ଧାନ କରି ଏହାର ଚୁଡାନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କ ମସ୍ୟ ବିଭାଗକୁ ପ୍ରଦାନ କରିଥିଲେ ।ପୁନଶ୍ଚ ଇଞ୍ଜିନିୟରିଂ ଇଣ୍ଡିଆ ଲିମିଟେଡ ନାମକ ଏକ ପବ୍ଲିକ ସେକ୍ଟର ୟୁନିଟ ଆସି ଏହି ଜେଟି ନିର୍ମାଣର ଅବ୍ୟବହିତ ପୂର୍ବରୁ ସର୍ଭେ କରି ମଧ୍ୟ ଶେଷ ରିପୋର୍ଟ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି ଜମି ଟି ସ୍ପେଶାଲ ଇକନୋମିକ ଜୋନରେ ଅର୍ନ୍ତଭୁକ୍ତ ହେଉଛିକି ନାହିଁ ତାହାର ରିପୋର୍ଟ , ବନବିଭାଗ, ପ୍ରତିରକ୍ଷା ଏବଂ ନ୍ୟାସନାଲ ଗ୍ରୀନ ଟିବ୍ୟୁନାଲ(ଏନଜିଟି) ବିଭାଗ ନିକଟରୁ ସବୁଜ ସଙ୍କେତ ମିଳି ସାରିଛି ବୋଲି ମସ୍ୟ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଲୋକ ପାତ୍ର ମତପୋଷଣ କରିଛନ୍ତି। ଏହି ସମସ୍ତ ଆପ୍ରୁଭାଲ ମିଳି ସାରିବା ପରେ ବିଭାଗୀୟ ଅଧିକାରୀ ଏହି ଜେଟୀର ଚୁଡାନ୍ତ ପ୍ରକଳ୍ପ ରିପୋର୍ଟ ଏବଂ ଏହି ଜେଟି ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ଆର୍ଥିକ ଅନୁଦାନ ପାଇଁ କେନ୍ଦ୍ର ସରକାରଙ୍କ ମସ୍ୟ ବିଭାଗ ନିକଟକୁ ପଠାଯାଇଛି। ଖୁବ ଶୀଘ୍ର ଆର୍ଥିକ ଅନୁଦାନ ଆସିବା ପରେ ଓଡିଶା ରାଜ୍ୟ ସରକାରଙ୍କ ମସ୍ୟ ବିଭାଗ ଏହି ଜେଟୀ ନିର୍ମାଣ କରିବା ପାଇଁ ଟେଣ୍ଡର ଆହ୍ୱାନ କରିବ। ପ୍ରଥମ ପର୍ଯ୍ୟାୟରେ ଏହା ୫୦କୋଟିରେ ସିମୀତ ରହିବ ଏବଂ ପରେ ମସ୍ୟଜିବୀ ଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସଂପ୍ରସାରଣ ପାଇଁ ଅଧିକ ଅର୍ଥ ବ୍ୟୟ ବରାଦ କରାଯିବ ବୋଲି ମସ୍ୟ ବିଭାଗ ନିକଟରୁ ପ୍ରକାଶ। ୨୦୨୫ ମସିହାରେ ଅଂଚଳବାସୀଙ୍କ ଧାମରା ନିକଟସ୍ଥ ଚନ୍ଦନୀପାଳ ଠାରେ ସେମାନଙ୍କର ବହୁ ପ୍ରତୀକ୍ଷିତ ଚନ୍ଦନୀପାଳ ଜେଟୀ ର ସ୍ୱପ୍ନ ସାକାର ହେବ ।

## ପାରାଲିଗାଲ୍ ସ୍ୱେଚ୍ଛାସେବୀମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଆୟୋଜିତ

ସୁବର୍ଣ୍ଣପୁର,୨୪/୪(ନି. ପ୍ର): ବିକଳ୍ପ ବିବାଦ ସମାଧାନ କେନ୍ଦ୍ର, ସୁବର୍ଣ୍ଣପୁରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଇନ ସହାୟକ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି ପୌରାହିତ୍ୟ କରି ନ୍ୟାୟିକ ବ୍ୟବସ୍ଥା, ନ୍ୟାୟ ସୁବିଧା, ପୋକ୍‌ସୋ ଆଇନ(ଜେଭିଭି) ଜୁଭେନାଲ ଜଷ୍ଟିସ ବୋର୍ଡ ଇତ୍ୟାଦିର କାର୍ଯ୍ୟକାରିତାକୁ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସଂସାଧନ ଅଧିକାରୀ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭାଗୀୟ କଲ୍ୟାଣକାରୀ ଯୋଜନା ଓ ସେଗୁଡିକର କାର୍ଯ୍ୟକାରିତା ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ବାର୍ଦ୍ଧକ୍ୟ ଭତା, ଦିବ୍ୟାଙ୍ଗ ସହାୟତା ଯୋଜନା ତଥା ଅନ୍ୟ ସାମାଜିକ ସୁରକ୍ଷା ଯୋଜନା ସହ ଆବଶ୍ୟକ ଯୋଗ୍ୟତା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ।

# ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ

ଭଦ୍ରକ,୨୪/୪(ନି. ପ୍ର): ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନରେ ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଦଳିତ ନେତା ମାନସ କୁମାର ମଲ୍ଲିକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ଡ଼ଃ ଅମୂଲ୍ୟ କୁମାର ମଲ୍ଲିକ, ବରେଣ୍ୟ ଅତିଥି ଏମ ଡି ଫାରୁକ, ସମ୍ମାନିତ ଅତିଥି ଅବସରର ପ୍ରାପ୍ତ ଅଧ୍ୟାପକ କମଳା କାନ୍ତ ସ୍ୱାଇଁ, ସମ୍ମାନିତ ଆଇନଜୀବି ତାହେର ମହମ୍ମଦ, ସମ୍ମାନିତ ଅତିଥି କଂଗ୍ରେସ ନେତା ନଳିନୀ ମହାନ୍ତି ପ୍ରମୁଖ ଯୋଗଦେଇ ଡ଼ଃ ବାବାସାହେବ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ସମଗ୍ର ଭାରତ ବର୍ଷର ବାବା ସାହେବ ଆମ୍ବେଦକର ଏକ ଉଜ୍ଜଳ ଜ୍ୟୋତି ବୋଲି ବକ୍ତବ୍ୟ ଦେଇଥିଲେ । ମୁଖ୍ୟ ଅତିଥି ମାନସ ମଲ୍ଲିକ ତାଙ୍କ ବକ୍ତବ୍ୟରେ ବାବା ସାହେବ ଙ୍କ ପାଇଁ ଆଜି ସମାଜର ତଳସ୍ତରର ଲୋକ ମାନେ ସମାଜ ମଧ୍ୟରେ ସମ୍ମାନ ର ଜୀବନ ବିତାଉ ଥିବା ବେଳେ ଧୀରେ ଧୀରେ ସେମାନଙ୍କ ଶିକ୍ଷା, ଅର୍ଥନୈତିକ,ସାମାଜିକ କ୍ଷେତ୍ରରେ ସୁଧାର ଆସୁଥିବାର ବକ୍ତବ୍ୟ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଡ଼ଃ ଅମୂଲ୍ୟ ମଲ୍ଲିକ ତାଙ୍କ ବକ୍ତବ୍ୟରେ ସମାଜର ଗରିବ ଶ୍ରେଣୀର ଲୋକ ମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ସେମାନଙ୍କୁ ନ୍ୟାର୍ଯ୍ୟ ଅଧିକାର ଦେବା ପାଇଁ ବାବା ସାହେବ ଆମ୍ବେଦକର ଙ୍କ ସଂଘର୍ଷ, ସଂଗ୍ରାମ ଅତୁଳନୀୟ ବୋଲି ଭାଷଣ ଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ଜୟରାମ ମଲ୍ଲିକ, ମଦନ ମଲ୍ଲିକ, କ୍ଷୀରୋଦ ସେଠୀ ପ୍ରମୁଖ ବକ୍ତବ୍ୟ ଦେଇଥିବା ବେଳେ ଶଶିକାନ୍ତ ଜେନା, ଦୀନବନ୍ଧୁ ଦାସ, ଧରିତ୍ରୀ ଜେନା, ନାରୀନେତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା, ମନୋଜ ଜେନା ପ୍ରମୁଖ ଯୋଗଦେଇଥିଲେ । ଜୟନ୍ତୀ ଉତ୍ସବ ପାଳନ ପ୍ରାରମ୍ଭରେ ଆତଙ୍କବାଦୀ ହମଲାରେ ପ୍ରଣାବଳୀ ଦେଇଥିବା ମୃତକ ଙ୍କ ଉଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରେ ଆମ୍ବେଦକରଙ୍କ ଫୋଟ ଚିତ୍ରରେ ମୁଖ୍ୟ ଅତିଥି ସମ୍ମାନିତ ଅତିଥି ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱୋଳନ କରିଥିଲେ । ଆୟୋଜିତ ଏହି ଉତ୍ସବକୁ ଯୁବନେତା ରଞ୍ଜନ ଜେନା ପରିଚାଳନା କରିବା ସହ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଲାଙ୍କୁ ଶିଖାନ୍ତୁ ଉତ୍ତମ ବ୍ୟବହାର

## ପିଲାଙ୍କୁ ଉତ୍ତମ ବ୍ୟବହାର ଶିଖାଇବା ଅଭିଭାବକଙ୍କର ପ୍ରଥମ କର୍ତ୍ତବ୍ୟ। ଏ ସମ୍ପର୍କରେ ଜାଣନ୍ତୁ କିଛି ଟିପ୍ସ।



-ପିଲାଙ୍କୁ ଉତ୍ତମ ବ୍ୟବହାର ବିଷୟରେ ଶିକ୍ଷା ଦେବା ପୂର୍ବରୁ ପ୍ରଥମେ ନିଜର ବ୍ୟବହାର ଠିକ୍ ରଖନ୍ତୁ। ଗୁରୁଜନଙ୍କୁ ସମ୍ମାନ ଦେବାକୁ ପିଲାଙ୍କୁ କୁହନ୍ତୁ।

- ନିଜର ବ୍ୟବହାର କିପରି ସବୁବେଳେ ମାର୍ଜିତ ହେବ ସେ ନେଇ ପ୍ରଥମେ ଧ୍ୟାନ ଦିଅନ୍ତୁ। ଏ ବିଷୟରେ ପିଲାଙ୍କୁ ଶିଖାଇବା ଦ୍ୱରା ସେମାନଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ଆସିଥାଏ।



- ବେଳେବେଳେ ପିଲାଙ୍କୁ ଶାସନ କଲାବେଳେ ଅଭିଭାବକମାନେ ଅତ୍ୟଧିକ ରାଗି ଯାଆନ୍ତି। ଏହି ସମୟରେ ପିଲାମାନଙ୍କୁ ଆମେ ବଡ଼ ପାଟିରେ ତାଗିଦ୍ କରିଥାଉ। ପରବର୍ତ୍ତୀ ସମୟରେ ପିଲାମାନେ ଠିକ୍ ସେହିଭଳି କହିବା ଆରମ୍ଭ କରିଥାଆନ୍ତି। ତେଣୁ ପିଲାଙ୍କର ଏଭଳି ବ୍ୟବହାର ପ୍ରତି ସତର୍କ ରହିବା ସହ ସେମାନେ କିପରି ଏଥିରୁ ବିରତ ରହିବେ ସେ ନେଇ ସେମାନଙ୍କୁ ଶିଖାନ୍ତୁ।

- ପିଲା କିଛି ଭଲ କାମ କଲେ ତା'ର ପ୍ରଶଂସା କରନ୍ତୁ। ଏହା ଦ୍ୱାରା ସେ ଅନ୍ୟର ଭଲ ଗୁଣ ଦେଖି ପ୍ରଶଂସା କରିବ।



- ପିଲା ଯଦି କୌଣସି ଭୁଲ କାମ କରୁଛି ତେବେ ସେ ନେଇ ତାକୁ ବୁଝାନ୍ତୁ। ଏହାଦ୍ୱାର ସେ ଭବିଷ୍ୟତରେ କୌଣସି ଭୁଲ କଲେ ତାହା ନିଜେ ଜାଣିପାରିବ। ଭଲକୁ କିପରି ସୁଧାରି ପାରିବ ସେ ନେଇ ଶିଖାନ୍ତୁ।

- ଅନ୍ୟମାନଙ୍କୁ କିପରି ବିନମ୍ର ବ୍ୟବହାର କରିବ ସେ ନେଇ ଶିଖାନ୍ତୁ। ଏହାଦ୍ୱାରା କେବଳ ବାହାରେ ନୁହେଁ ସ୍କୁଲରେ ମଧ୍ୟ ସେ ଅନ୍ୟମାନଙ୍କ ଦ୍ୱାରା ପ୍ରଶଂସାର ପାତ୍ର ହେବେ ।



# ନିଦ ହେଉଛି ତ ଖାଆନ୍ତୁ ଏହି ୭ଟି ଖାଦ୍ୟ

ଭଲ ଦିନ ପାଇଁ ମଣିଷ ଅନେକ କିଛି କରିଥାଏ। ଦରକାର ପଡ଼ିଲେ ନିଦ ପାଇଁ ବିଭିନ୍ନ ଔଷଧ ସେବନ ମଧ୍ୟ କରିଥାଏ। ହେଲେ ଏମିତି କିଛି ଖାଦ୍ୟ ଅଛି, ଯାହାକୁ ଶୋଇବାକୁ ଯିବା ପୂର୍ବରୁ ଖାଇଲେ ଭଲ ନିଦ ହୋଇଥାଏ।



ଭାତ-ପଖାଳ ଖାଇଲେ ଭଲ ନିଦ ହୋଇଥାଏ। କାହିଁ କେତେ କାଳରୁ ଓଡ଼ିଶାର ଲୋକପ୍ରିୟ ଖାଦ୍ୟ ଭାବେ ବେଶ୍ ପରିଚିତ। ଏହା ମଧ୍ୟ ସତ ଯେ, ଯୁକ୍ତରାଷ୍ଟ୍ର ଆମେରିକାରେ ନିଦ୍ରାହୀନତା ବା ଇନସୋମାନିଆ ବିଷୟରେ ଗବେଷଣା କରୁଥିବା ଡାକ୍ତରମନେ ଏହା କହିଛନ୍ତି। ଏହା ମସ୍ତିଷ୍କରେ ନ୍ୟୁରୋ ଟ୍ରାନ୍ସମିଟର ସିରୋଟିନର ପ୍ରବାହକୁ ବୃଦ୍ଧି କରାଇଥାଏ। ଏହାଦ୍ୱାରା ମଣିଷ ଶାନ୍ତି ଅନୁଭବ କରେ ଓ ଭଲ ନିଦ ହୋଇଥାଏ।





ଅଣ୍ଡା- ଅଣ୍ଡା ଏକ ପୁଷ୍ଟିକର ଖାଦ୍ୟ। ଶୋଇବାର ଯଥେଷ୍ଟ ପୂର୍ବରୁ ଏହାକୁ ଖାଇବାକୁ ପଡ଼ିଥାଏ। ଅଣ୍ଡାରେ ଭିଟାମିନ-ଡିର ମାତ୍ରା ଅଧିକ ରହିଥାଏ। ଭିଟାମିନ-ଡି ମସ୍ତିଷ୍କର ନ୍ୟୁରନ ଉପରେ ପ୍ରଭାବ ପକାଇଥାଏ। ଏଥିପାଇଁ ଭଲ ନିଦ ହୁଏ ବୋଲି ଗବେଷକମାନେ ମତ ପ୍ରକାଶ କରିଛନ୍ତି।



ଉଷୁମ କ୍ଷୀର-ଅଣ୍ଡା ପରି କ୍ଷୀର ଏକ ଉତ୍ତମ ଖାଦ୍ୟ। ଆମିଷ ଖାଉ ନଥିବା ବ୍ୟକ୍ତି ଏହାକୁ ପିଇ ପାରିବେ। କ୍ଷୀରରେ ପ୍ରଚୁର ମାତ୍ରାରେ କ୍ୟାଲସିଅମ ରହିଥାଏ। ଏହା ସହ ଏଥିରେ ଆମିନୋ ଏସିଡ଼ ଓ ଟ୍ରାଇପ୍ଟୋଫେନ ଓ ଭିଟାମିନ-ଡି ରହିଛି। ଏହି ସବୁ ଉପାଦାନ ଶରୀରରେ ମେଲାଟୋନିନ ପ୍ରସ୍ତୁତ କରିଥାଏ। ଏଥିଯୋଗୁଁ ନିଦ୍ରାହୀନତାର ହ୍ରାସ ପାଇଥାଏ।



କାଜୁ-କ୍ଷୀର ପରି କାଜୁ ବାଦାମ ମଧ୍ୟ ଏକ ସୁଷମ ଖାଦ୍ୟ। ଶୋଇବା ପୂର୍ବରୁ କିଛି କାଜୁ ଖାଇଲେ ବି ଏହା ଭଲ ନିଦର କାରଣ ହୋଇଥାଏ। ମ୍ୟାଗ୍ନେସିୟମ ଓ ଅନ୍ୟାନ୍ୟ ମିନେରାଲ ରହିଛି କାଜୁରେ। ଯାହାଯୋଗୁଁ ସୁନିଦ୍ରା ଆସିଥାଏ।

କନ୍ଦମୂଳ- କନ୍ଦମୂଳରେ ପ୍ରଚୁର ମାତ୍ରାରେ ମ୍ୟାଗ୍ନେସିୟମ ରହିଛି। ଏହା ନିଦ୍ରାହୀନତା ଦୂର କରିବାରେ ସାହାଯ୍ୟ କରିଥାଏ।

ଅଖରୋଟ- ଏବେ ବଜାରରେ ସହଜରେ ଅଖରୋଟ ଉପଲବ୍ଧ। ଏଥିରେ ମେଲାଟୋନିନ ତତ୍ତ୍ୱ ରହିଛି। ଯାହା ଭଲ ନିଦ କରାଇବାରେ ସାହାଯ୍ୟ କରିଥାଏ।

ସମୁଦ୍ରିକ ମାଛ- ବିଭିନ୍ନ ସମୁଦ୍ରିକ ମାଛ ଖାଇବା ଫଳରେ ନିଦ ଭଲ ହୋଇଥାଏ। ଏଥିରେ ଓମେଗା-୩ ସହ ବିଭିନ୍ନ ଫ୍ୟାଟି ଏସିଡ଼ ରହିଛି। ଯାହା ଭଲ ନିଦ କରିବାରେ ସାହଯ୍ୟ କରେ।

# ସ୍ୱାସ୍ଥ୍ୟ ସମସ୍ୟା ଦୂରକାରୀ ସର୍ବାଙ୍ଗସନ

କିପରି କରିବେ:

- ଆସନ ଉପରେ ଦୁଇ ଗୋଡ଼କୁ ଯୋଡ଼ି ସିଧା ଶୋଇ ରୁହନ୍ତୁ।

- ଦୁଇ ଗୋଡ଼କୁ ୯୦ ଡିଗ୍ରୀ ଉଚ୍ଚତାରେ ଧୀରେ ଧୀରେ ଉଠାନ୍ତୁ। ଏହି ସମୟରେ ଦୁଇ ହାତର ପାପୁଲି ଭୂଇଁକୁ ଲଗାଇ ରଖିବେ।

- ଏହା ପରେ ଦୁଇ ହାତ ସାହାଯ୍ୟରେ ଅଣ୍ଟାର ଦୁଇ ପାଖକୁ ଉପରକୁ ଉଠାନ୍ତୁ। ଏପରି ଉଠାଇବେ ଗୋଡ଼ ଦୁଇଟି ଯେପରି ସିଧା ଓ ସ୍ଥିର ରୁହେ।

- ଦୁଇ ଆଖିର ନଜର ପାଦର ବୁଢ଼ା ଆଙ୍ଗୁଠିରେ ରଖିବେ। ଏହି ଆସନରେ ଦୁଇରୁ ତିନି ମିନିଟ୍ ପର୍ଯ୍ୟନ୍ତ ରୁହନ୍ତୁ।

- କିଛି ସମୟ ପରେ ପ୍ରଥମେ ଧୀରେ ଆଗ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ଭାଙ୍ଗି ତଳକୁ ଖସାନ୍ତୁ ଓ ପରେ ପୁରା ଶରୀରକୁ ଖସାଇ ପୂର୍ବ ପରି ସିଧା ଶୋଇ ରୁହନ୍ତୁ। ଏହି ଆସନ କଲେ ଭଲ ଶ୍ୱାସକ୍ରିୟା, ହଜମ ଏବଂ ରକ୍ତ ସଞ୍ଚାଳନ ଉତ୍ତମ ରୂପେହୁଏ।

- ଥାଇରଏଡ଼୍ ସମସ୍ୟା ଦୂର ହୁଏ।

- କେଶ ଝଡ଼ିବା ଓ ଅସମୟରେ କେଶ ଧଳା ହେବା ସମସ୍ୟାରେ ନିୟନ୍ତ୍ରଣ ଆଣେ।

- ପ୍ରତିଦିନ ଅଭ୍ୟାସ ଦ୍ୱାରା ଶରୀରର ଓଜନ ଅଧିକ କିମ୍ବା କମ୍ ଥିଲେ ଏଥିରେ ନିୟନ୍ତ୍ରଣ ଆଣେ ଏବଂ ଦୃଷ୍ଟି ଶକ୍ତି ବଢ଼ାଏ।



**ସର୍ବାଙ୍ଗସନ ଏପରି ଗୋଟିଏ ଆସନ ଯାହର ବହୁ ସ୍ୱାସ୍ଥ୍ୟଗତ ଉପକାରିତା ରହିଛି। ଏହି ଆସନରେ ପୂରା ଶରୀର କାର୍ଯ୍ୟକ୍ଷମ ହୋଇଯାଏ।**

# କେତେ ଉପକାରୀ ଗାଜର



- ନିୟମିତ ଗାଜର ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ।

- ଗାଜରରେ କ୍ୟାନସର ପ୍ରତିହତ ଶକ୍ତି ରହିଛି। ବିଶେଷ ଭାବରେ ବ୍ରେଷ୍ଟ କ୍ୟାନସର ଏବଂ କଲୋନ କ୍ୟାନସର ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

- ବୟସ ବଢ଼ିବା ସହ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏହି ସମୟରେ ଶରୀର ଭିତରେ କୋଷ (ସେଲ) ଗୁଡ଼ିକ ନଷ୍ଟ ହେବା ଆରମ୍ଭ କରିଥାଆନ୍ତି। କିନ୍ତୁ ବୟସ୍କ ବ୍ୟକ୍ତିମାନେ ଯଦି ନିୟମିତ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତି ତେବେ ତାହା ସେମାନଙ୍କର କୋଷକୁ ସୁରକ୍ଷିତ ରଖିଥାଏ।

- ଗାଜରରେ ଭିଟାମିନ 'ଏ' ଭରି ରହିଛି। ଏହାକୁ ଖାଇବା ଦ୍ୱାରା ଚର୍ମଜନିତ ରୋଗ ହେବାର ଆଶଙ୍କା ଅନେକାଂଶରେ କମ ଥାଏ।

- ଶରୀର ଭିତରେ ସଂକ୍ରମଣ (ଇନଫେକଶନ)କୁ ପ୍ରତିହତ କରିବାରେ ଗାଜର ସାହାଯ୍ୟ କରିଥାଏ।

- ଗାଜରର ଅଉ ଏକ ଉପକାରୀ ଗୁଣ ରହିଛି। ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ହୃଦରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ଖାଦ୍ୟ।

- ଏହାକୁ ନିୟମିତ ଖାଇଲେ ତାହା ଉଭୟ ଦାନ୍ତ ଏବଂ ମାଢ଼ିକୁ ସୁରକ୍ଷିତ ରଖିଥାଏ।

# ମସ୍ତିଷ୍କର ଆୟତନ ବୃଦ୍ଧି କରେ ଏରୋବିକ୍

ଏକ ସପ୍ତାହକୁ ଚାରିଥର ଏରୋବିକ କରୁଥିବା ବ୍ୟକ୍ତିଙ୍କ ମସ୍ତିଷ୍କ ଆୟତନ ବୃଦ୍ଧି ହୋଇଥାଏ ବୋଲି ଏହି ରିସର୍ଚ୍ଚରୁ ଜଣାପଡ଼ିଛି। ଆମେରିକାରେ ନର୍ଥ କାରୋଲିନାର ବେକ୍ ଫରେଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଜିୟୋଙ୍ଗରୁଲ କିମଙ୍କ ମତରେ ଯେକୌଣସି ପ୍ରକାର ବ୍ୟାୟାମ ମସ୍ତିଷ୍କ ପାଇଁ ଲାଭକାରୀ ଅଟେ। କିନ୍ତୁ ଏରୋବିକ ଗତିବିଧି ମସ୍ତିଷ୍କର ଉଚ୍ଚ ସଂଜ୍ଞାନତ୍ମକ କାର୍ଯ୍ୟ ପ୍ରତି ଅଧିକ ଲାଭଦୟକ ବୋଲି ରିସର୍ଚ୍ଚରୁ ଜଣାପଡ଼ିଥିଲା। ଏମସିଆଇ (ହାଲକା ସଂଜ୍ଞାତ୍ମକ ବ୍ୟକ୍ତି)ଙ୍କ ମସ୍ତିଷ୍କରେ ଏହା ପ୍ରଭାବ ପଡ଼ିଥାଏ ଓ ସେମାନଙ୍କ ସ୍ମୃତିଶକ୍ତି ତଥା ବିଚାର କୌଶଳ ଉନ୍ନତ ହୋଇଥାଏ। ଏହା ଆଲଜେମିଅର ରୋଗର ଆଶଙ୍କା ମଧ୍ୟ କମାଇଥାଏ। ଏରୋବିକ୍ ଅଳ୍ପଦିନ ମଧ୍ୟରେ ମସ୍ତିଷ୍କର ଉନ୍ନତି ଘଟାଇଥାଏ। ଅଧ୍ୟୟନ ଦଳ ୩୫ରୁ ଅଧିକ ଏମସିଆଇ ବ୍ୟକ୍ତିଙ୍କୁଚ ପରୀକ୍ଷଣ କରିଥିଲେ। ପ୍ରତିଯୋଗଙ୍କୁ ଦୁଇଟି ଭାଗରେ ବିଭକ୍ତ କରାଯାଇ ସପ୍ତାହକୁ ଚାରିଥର ବିଭିନ୍ନ ବ୍ୟାୟାମ କରାଯାଇଥିଲା। ଛଅମାସ ପରେ ସେମାନଙ୍କ ମସ୍ତିଷ୍କର ଗ୍ରେ ଅଂଶର ଆୟତନ ବୃଦ୍ଧି ପାଇଥିବା ଦେଖାଯାଇଥିଲା।

# ଶରୀର ପାଇଁ କେତେ ଉପକାରୀ ସଜନା ଶାଗ, ଜାଣନ୍ତି କି ?

## ସଜନା ଶାଗରେ ଭିଟାମିନ୍ ଏ, ଭିଟାମିନ୍ ସି, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ଭଲ ପରିମାଣର ପୋଷକ ତତ୍ତ୍ୱ ରହିଥାଏ। ଯାହା ଫଳରେ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଏବଂ ଅନେକ ରୋଗର ମୁକାବିଲା କରିବାରେ ସାହାଯ୍ୟ କରିଥାଏ।

ରକ୍ତହୀନତାକୁ ରୋକିବାରେ ସହାଯ୍ୟ କରେ ସଜନା: ସଜନା ଗଛ ଯାହାର ବୈଜ୍ଞାନିକ ନାମ ହେଉଛି 'ମୋରିଙ୍ଗା ଓଲିଫେରା'। ଏହାର ପତ୍ର ଫଳ, ମଞ୍ଜି, ଛାଲ, ମୂଳ ଇତ୍ୟାଦି ସବୁ ବ୍ୟବହୃତ ହୁଏ। ସଜନା ଶାଗ 'ଚମତ୍କାର ବୃକ୍ଷ' ଏହାକୁ 'ଡ୍ରମଷ୍ଟିକ୍ ପ୍ଲାଣ୍ଟ' ମଧ କୁହାଯାଏ କାରଣ ଏହାର ମଧ ଅନେକ ଗୁଣ ଅଛି। ସଜନା ଶାଗକୁ ଆମେ ବିଭିନ୍ନ ଉପାୟରେ ଖାଇପାରିବେ। ଏଗୁଡିକ ସାଲାଡ, ପନିପରିବା ସହିତ କିମ୍ବା ଚା' କରି ମଧ ଖାଇପାରିବେ। ସଜନା ଚା' ତିଆରି କରିବା ପାଇଁ ପତ୍ରକୁ ଗ୍ରାଇଣ୍ଡ କରି ଗରମ ପାଣିରେ ଫୁଟାନ୍ତୁ। ଏହି କାରଣରୁ, ଆଣ୍ଟିଅକ୍ସିଡାଣ୍ଟ ଏବଂ ପୋଷକ ତତ୍ତ୍ୱ ପାଣିରେ ରହିବ। ସଜନା ଶାଗ ଖାଇବା କେବଳ ସ୍ୱାସ୍ଥ୍ୟର ଉପକାର ହୁଏ ନାହିଁ ବରଂ ଏହାର ସ୍ୱାଦ ମଧ ଭଲ ।

*ରକ୍ତହୀନତା ରୋକିଥାଏ:* ସଜନାରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ରକ୍ତହୀନତାକୁ ରୋକିବାରେ ସହାୟକ ହୋଇଥାଏ। ଆଇରନ, ଭିଟାମିନ୍ ସି, ଫୋଲିକ୍ ଏସିଡ୍, ଭିଟାମିନ୍ ବି ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ପୁଷ୍ଟିକର ଖାଦ୍ୟ ସଜନାରେ ମିଳିଥାଏ। ରକ୍ତରେ ହେମୋଗ୍ଲୋବିନ୍ ସୃଷ୍ଟି କରେ ଯାହା ଅମ୍ଳଜାନ ଯୋଗାଇବାରେ ସାହାଯ୍ୟ କରିଥାଏ। ଏହା ସହ ଭିଟାମିନ୍ ସି ଆଇରନ୍ ଅବଶୋଷଣରେ ମଧ ସାହାଯ୍ୟ କରେ। ସଜନା ଫଲିକ୍ ଏସିଡ୍ ଜଇଉ ଉତ୍ପାଦନକୁ ପ୍ରୋତ୍ସାହିତ କରେ। ରକ୍ତହୀନତାର ଚିକିତ୍ସାରେ ଭିଟାମିନ୍ ଇ୧୨ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ରକ୍ତହୀନତାକୁ ରୋକିବାରେ ସଜନା ଶାଖ ଖାଇବା ଲାଭଦାୟକ।

*ଥାଇରଏଡ ପାଇଁ ଉପକାରୀ:* ସଜନା ଶାଗରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ଥାଇରଏଡ୍ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆୟୋଡିନ୍, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି ଏବଂ ଇ, ଜିଙ୍କ ଏବଂ ସେଲେନିୟମ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ। ଯାହାକି ଆୟୋଡିନ୍ ଥାଇରଏଡ୍ ହରମୋନ୍ ସନ୍ତୁଳନ କରିବାରେ ସାହାଯ୍ୟ କରେ।

*ଉଚ୍ଚ ରକ୍ତଚାପ ହ୍ରାସ କରେ:* ଏହିପରି ଅନେକ ଗୁଣ ସଜନା ଶାଗରେ ମିଳିଥାଏ ଯାହା ଉଚ୍ଚ ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ପୋଟାସିୟମ ଥାଏ ଯାହା ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ ଏଥିରେ ମିଳିଥାଏ ଯାହା ଧମନୀକୁ ଆରାମ ଦେଇଥାଏ। ସଜନା ଶାଗରେ ନାଇଟ୍ରିକ୍ ଅକ୍ସାଇଡ୍ ସ୍ତରକୁ ମଧ ହ୍ରାସ କରିଥାଏ ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ତେଣୁ ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ସଜନା ଶାଗ ବରଦାନ ସ୍ୱରୂପ।



*ଡାଇବେଟିସ ସମସ୍ୟାକୁ ଦୂରକରେ:* ଯେଉଁମାନଙ୍କର ଡାଇବେଟିସ ସମସ୍ୟା ଥାଏ ସେମାନେ ସଜନା ଶାଗର ଜୁସ ସେବନ କଲେ ଡାଇବେଟିସ ନିୟନ୍ତ୍ରଣରେ ରହିଥାଏ। ଯେଉଁ ଲୋକମାନେ ଥାଇରଏଡ ସମସ୍ୟା,ଯେଉଁମାନଙ୍କର ଅନିଦ୍ରା ସମସ୍ୟା ଅଛି ସେମାନେ ସଜନା ଶାଗ ସେବନ କଲେ ଅନିଦ୍ରା ସମସ୍ୟା ଦୂର ହୋଇଥାଏ

*ଚର୍ବିକୁ ହ୍ରାସ କରାଏ:* ଯଦି ଆପଣ ନିଜ ଶରୀରର ଚର୍ବିକୁ ହ୍ରାସ କରିବାକୁ ଚାହାନ୍ତି ସଜନା ଶାଗ ସେବନ କରନ୍ତୁ,ଏହା ମେଟାବୋଲିଜିମକୁ ଦୂର କରିଥାଏ,ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ।

ମୁଣ୍ଡରୁ କେଶ ଝଡ଼ିବା ସମସ୍ୟା ଓ ରୁପି ହେବା ସମସ୍ୟାରୁ ରକ୍ଷା ପାଇବାପାଇଁ ଏହାକୁ ସେବନ କରନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କାଶ୍ମୀର ଓ ଆତଙ୍କବାଦ...

ସୀମାନ୍ତ ରାଜ୍ୟ ଜାମ୍ମୁ ଓ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପରେ ଏଠାକାର ପରିସ୍ଥିତିରେ ଢେର୍ ପରିବର୍ତ୍ତନ ହୋଇ ସାରିଲାଣି । ଏହି ରାଜ୍ୟର ବଡ଼ ସମସ୍ୟା ଆତଙ୍କବାଦକୁ ଯଦିଓ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କବଳିତ କରାଯାଇ ପାରିନାହିଁ, ତେବେ ସ୍ଥାନୀୟ ଲୋକଙ୍କ ମନ ପରିବର୍ତ୍ତନ କରିବା ସହିତ ରାଜ୍ୟର ବିକାଶ ପାଇଁ ସରକାର ଅନେକ ସଂଖ୍ୟକ ପଦକ୍ଷେପ ନେଇଛନ୍ତି, ଯାହା ଫଳରେ ଏବେ ଏହାର ଅଧିବାସୀମାନେ ପୂର୍ବାପେକ୍ଷା ଅଧିକ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଆରମ୍ଭ କରିଛନ୍ତି। ତେବେ ନିକଟରେ ପହଲଗାମ୍‌ଠାରେ ପର୍ଯ୍ୟଟକମାନଙ୍କ ଉପରେ ଭୟଙ୍କର ଆତଙ୍କବାଦୀ ଆକ୍ରମଣ, ଯାହା ନିକଟ ଅତୀତର ବର୍ଷମାନଙ୍କ ଭିତରେ ସାଧାରଣ ନାଗରିକମାନଙ୍କ ଉପରେ ହୋଇଥିବା ଆକ୍ରମଣଗୁଡ଼ିକ ମଧ୍ୟରୁ ସର୍ବାଧିକ ଭୟାବହ, ତାହା ଏହି ଉପତ୍ୟକାରେ ଶାନ୍ତି ଓ ସ୍ୱାଭାବିକତାର ସୁଖଦ ପ୍ରତ୍ୟାବର୍ତ୍ତନରେ ବ୍ୟାଘାତ ଘଟାଇବା ପାଇଁ ଯେ ଉଦ୍ଦିଷ୍ଟ, ତାହା ନିଃସନ୍ଦେହରେ କହି ହେବ। ଲସ୍କର-ଇ-ତାଇବାର ଚାରିଜଣ ପ୍ରମୁଖ ଆତଙ୍କୀଙ୍କ ଦ୍ୱାରା ସୃଷ୍ଟି ହୋଇଥବା ବିପୁଳ ସଂଖ୍ୟକ ଜୀବନ ହାନି ରାଜ୍ୟର ପର୍ଯ୍ୟଟନ ଅର୍ଥନୀତି ପ୍ରତି କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ସଂଘଟିତ ହୋଇଥିବା ସ୍ପଷ୍ଟ, କାରଣ ଏହି କ୍ଷେତ୍ର ସାମ୍ପ୍ରତିକ ମାସଗୁଡ଼ିକରେ ଅଭୂତପୂର୍ବ ବୃଦ୍ଧିକୁ ପରିଲକ୍ଷିତ କରିଥିଲା। ଚଳିତ ବର୍ଷର ପ୍ରଥମ ତିନି ମାସରେ ଏହି କେନ୍ଦ୍ରଶାସିତ ଅଞ୍ଚଳକୁ ନିହାତି କମ୍‌ରେ ୫ ଲକ୍ଷ ପର୍ଯ୍ୟଟକ ଭ୍ରମଣରେ ଆସିଥିଲେ, ଯାହା ବିଗତ ୩୦ ବର୍ଷ ଭିତରେ ଏକ ରେକର୍ଡ କହିଲେ ଅତ୍ୟୁକ୍ତି ହେବନାହିଁ । ପର୍ଯ୍ୟଟକମାନଙ୍କ ରାଜ୍ୟରେ ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ଶେଷ ହୋଇ ଏକ ଲୋକପ୍ରିୟ ସରକାର ପ୍ରତିଷ୍ଠା ହେବା ପରେ ଘଟିଛି । ତେଣୁ ଏଥିରୁ ସ୍ପଷ୍ଟ ହୋଇ ସାରିଛି ଯେ ଏହି ଅଶାନ୍ତ ଅଞ୍ଚଳରେ ଧୀରେ ଧୀରେ ଶାନ୍ତି ଏବଂ ଗଣତାନ୍ତ୍ରିକ ଭାବନା ଉନ୍ନତି ପଥରେ ରହିଛି ଏବଂ ଉପରୋକ୍ତ ଆତଙ୍କବାଦୀ ଆକ୍ରମଣ ଏହି ରାଜ୍ୟକୁ ୯୦ ଦଶକର ଆତଙ୍କର ସେହି କଳାଦିନଗୁଡ଼ିକୁ ଫେରାଇ ଆଣିବା ନିମନ୍ତେ ଏକ ଉଦ୍ୟମ । ୨୦୦୦ ମସିହାରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଭାରତ ଗସ୍ତରେ ଆସିବା ପୂର୍ବରୁ ଲସ୍କର-ଇ-ତାଇବା ଜାମ୍ମୁ-କାଶ୍ମୀରର ଚାଟ୍ଟି ସିଂହପୁରାଠାରେ ଶିଖ୍ ଅଧିବାସୀମାନଙ୍କ ଗଣହତ୍ୟା ସଂଘଟିତ କରିଥିଲା । ପହଲଗାମ୍ ଆକ୍ରମଣକୁ ମଧ୍ୟ ପାକିସ୍ତାନୀ ସେନାବାହିନୀ ମଧ୍ୟରେ ହେଉଥିବା ପ୍ରତିଶୋଧାତ୍ମକ ଆଲୋଚନା ପରିପ୍ରେକ୍ଷୀରେ ଦେଖାଯିବା ଆବଶ୍ୟକ, ଯେଉଁମାନେ ମାର୍ଚ୍ଚ ମାସରେ ବେଲୁଚ୍ ବିଚ୍ଛିନ୍ନତାବାଦୀମାନଙ୍କ ଦ୍ୱାରା ଜାଫର ଏକ୍ସପ୍ରେସ୍ ଅପହରଣ ପରେ ତଥା ଦେଶ ଭିତରେ ରାଜନୀତିକ ପ୍ରକ୍ରିୟାଗୁଡ଼ିକୁ ଉତ୍ତମ ରୂପେ ପରିଚାଳନା କରି ନ ପାରିବା ଯୋଗୁଁ ହ୍ରାସ ପାଉଥିବା ଲୋକପ୍ରିୟତା ଯୋଗୁଁ ବିବ୍ରତ ହୋଇ ପଡ଼ିଛନ୍ତି। ଜେନେରାଲ ମୁନୀର ପ୍ରଗଳ୍ଭ ଭାବରେ ମହମ୍ମଦ ଅଲୀ ଜିନ୍ନାଙ୍କ 'କାଶ୍ମୀର ହେଉଛି ଆମର ଗଳାର ନଳୀ' ବାକ୍ୟକୁ ଦୋହରାଇ ସୂଚାଇ ଦେଇଥିଲେ ଯେ ପାକିସ୍ତାନ ବର୍ତ୍ତମାନ ତା'ର ଭାରତ-ବିରୋଧୀ ମନୋଭାବ ଏବଂ ଧାର୍ମିକ ଭାବାବେଗର ଶୋଷଣ କରିବା ପାଇଁ ପୁଣିଥରେ ପ୍ରସ୍ତୁତି ଚଳାଇଛି। ପାକିସ୍ତାନ ଏବେ ନିଜ ଦେଶ ଭିତରେ ଅନେକ ଉତ୍ଥାନ ପତନ ଦେଇ ଗତି କରୁଛି । ଏହାର ରାଜନୀତି ହେଉ କି ଅର୍ଥନୀତି- କୌଣସିଟି ହେଲେ ସୁସ୍ଥ ଅବସ୍ଥାରେ ନାହିଁ । ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଉପରେ ଏହା କଠୋରରୁ କଠୋରତମ ଦଣ୍ଡ ବିଧାନ କରି ତାଙ୍କୁ ଅକାମି କରିଦେବାକୁ ଚାହୁଁଥିବା ବେଳେ ଏଠାକାର ସଡ଼କରେ ଏବେ ସୁଦ୍ଧା ବଜାୟ ରହିଛି ତାଙ୍କର ଲୋକପ୍ରିୟତା, ଯାହା ପାକ୍ ନେତୃତ୍ୱ ପ୍ରତି ଏକ ବଡ଼ ଆହ୍ୱାନ ହୋଇ ରହିଛି । ଆର୍ଥିକ ଅନଟନ ଯୋଗୁଁ ଅତି ଦୁଃସ୍ଥ ଅବସ୍ଥାରେ ଜୀବନ ବିତାଉ ଥିବା ଅଧିକାଂଶ ପାକିସ୍ତାନୀ ଜନତା ଏବେ ବୁଝି ପାରିଛନ୍ତି ଯେ ଏହାର ସେନାବାହିନୀର ରଙ୍ଗ (ଯାହା ପ୍ରାୟତଃ ଖାକି ପୋଷାକ) ଦେଶକୁ ରସାତଳଗାମୀ କରିବା ନିମନ୍ତେ ସମ୍ପୂର୍ଣ୍ଣ ଦାୟୀ। ପାକିସ୍ତାନୀ ବୁଦ୍ଧିଜୀବୀ ଏବଂ ମନୋରଞ୍ଜନ ଉଦ୍ୟୋଗର ନେତୃସ୍ଥାନୀୟ ବ୍ୟକ୍ତିମାନେ, ଯେଉଁମାନେ କି ଏହି ଦେଶର ସର୍ବାଧିକ ପ୍ରଶଂସନୀୟ ରପ୍ତାନୀ ସାମଗ୍ରୀ ଭାବରେ ବିବେଚିତ, ସେମାନେ ଏବେ ପାକ୍ ଅଧିବାସୀମାନଙ୍କର ଉପରୋକ୍ତ ମନୋଭାବକୁ ଖୋଲାଖୋଲି ପ୍ରକାଶ କରିବାକୁ କୁଣ୍ଠାବୋଧ କରୁ ନାହାନ୍ତି । ଦୀପକ୍ ପରୱାନୀ, କରାଚୀର ଜଣେ ଉଚ୍ଚସ୍ତରୀୟ ଫେସନ୍ ଡିଜାଇନର ତଥା ପାକିସ୍ତାନର ଏକ ପ୍ରଭାବଶାଳୀ କଣ୍ଠସ୍ୱର, ଭାରତ ତୁଳନାରେ ପାକିସ୍ତାନ ଏକ ଅତ୍ୟନ୍ତ ନିରାଶାଜନକ ଅବସ୍ଥାରେ ଗତି କରୁଥିବା ଦେଶ ବୋଲି ନିର୍ଭିକ ଭାବରେ କହିଛନ୍ତି। ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ ଯେ ପାକିସ୍ତାନୀ ସେଲିବ୍ରିଟିମାନଙ୍କ ମଧ୍ୟରୁ ଅଧିକାଂଶ ବିଦେଶୀ (ପ୍ରାୟତଃ ଦ୍ୱୈତ) ନାଗରିକତାକୁ ପସନ୍ଦ କରିଛନ୍ତି ଏବଂ ପାକିସ୍ତାନୀ ପାସପୋର୍ଟର ମୂଲ୍ୟ ଏବେ ପ୍ରଶ୍ନଚିହ୍ନ ଭିତରେ ପ୍ରବେଶ କରି ସାରିଛି । ଏସବୁ ପରେ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଜାମ୍ମୁ-କାଶ୍ମୀରକୁ ନିଜର ବୋଲି ଦାବି କରିବାର ପାକିସ୍ତାନୀ ମନୋବୃତ୍ତିକୁ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ କୌଣସି ପରିସ୍ଥିତିରେ ମଧ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିବା ବେଳେ ବେଲୁଚ୍ ବିଚ୍ଛିନ୍ନତାବାଦୀମାନଙ୍କୁ ଦମନ କରିବାରେ ଇସଲାମାବାଦର ବିଫଳତା ଚୀନ୍ ପାଇଁ ଚିନ୍ତାର କାରଣ ପାଲଟିଛି ଏବଂ ନୂଆଦିଲ୍ଲୀର ସ୍ପଷ୍ଟ ମତ ଆତଙ୍କବାଦ ଏବଂ ଆଲୋଚନା ଏକା ସାଙ୍ଗରେ ଚାଲି ପାରିବ ନାହିଁ ରାଓଲପିଣ୍ଡି – ଏବଂ ପରିଣାମଗତ ଭାବରେ ଇସଲାମାବାଦକୁ ଆତ୍ମରକ୍ଷା ଭଙ୍ଗୀରେ ରହିବାକୁ ବାଧ କରିଛି । ତେବେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦ ତା'ର କାୟା ବିସ୍ତାର କରିବା ପୂର୍ବରୁ ଭାରତ ସରକାରଙ୍କୁ ଆଉ ଥରେ ନିଜର କୌଶଳ ସମ୍ପର୍କରେ ଅବଶ୍ୟ ଚିନ୍ତା କରିବା ନିମନ୍ତେ ଅନୁପ୍ରେରିତ କରିବା

## ଭ୍ରଷ୍ଟାଚାର



### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏହି ଶବ୍ଦଟି ଅନେକ କ୍ଷେତ୍ରରେ ଲାଗିପାରେ। ଗ୍ରହଟି କକ୍ଷଚ୍ୟୁତ ହେଲେ ତାର ପାଇଁ ଧାର୍ଯ୍ୟ ଗତିର ସମୟ ସୀମା ତାର ଅନୁକୂଳ ଫଳ ପ୍ରତିକୂଳ ଫଳ ଯାହା ନିୟମାକ ମାନେ ଧାର୍ଯ୍ୟ ରଖିଛନ୍ତି ତାହା ଗଣ୍ଡଗୋଳ ହୋଇଥାଏ। ସେ ପରି ଭ୍ରଷ୍ଟାଚାରୀକୁ କୌଣସି ପ୍ରକୃତର ନିମୟରେ ରହିବାରେ ଚଳିବା ଦେଖାଯାଏ ନାହିଁ। ଅଭାବରୁ ସ୍ୱଭାବ ନଷ୍ଟ। ଅଭାବ କାହିଁକି ହୁଏ ? ଗୃହୀଜନରେ ଥିଲାବାଲା ଅଛନ୍ତି ନଥିଲାବାଲା ଅଛନ୍ତି। ନଥିଲାବାଲା ଏକ ନିର୍ଦ୍ଦିଷ୍ଟ ଧର୍ମରେ ଚାଲୁଥିଲେ କଷ୍ଟରେ ନିଜର ଜୀବନ ନିର୍ବାହ କରୁଥିବେ। ଖାଦ୍ୟ ମୁଠିକ ପାଇଁ କୁଟୁମ୍ବ ଚଳାଇବା ପାଇଁ ଅତି ପରିଶ୍ରମ କରୁଥିବେ। ମାତ୍ର ସେମାନେ ଏହି ପର୍ଯ୍ୟାୟରୁ ମୁକ୍ତି ପାଇଁ ଯଦି ଚୋରୀ ତସ୍କରୀ ନଷ୍ଟ ଚରିତ୍ର ହୁଅନ୍ତି ତେବେ ଭ୍ରଷ୍ଟ ହୋଇ ଥିଲାବାଲା ହୋଇପାରନ୍ତି ମାତ୍ର ସାମାଜିକ ବାଛନ୍ଦରେ ଧରାପଡ଼ି ହୋଇଥାନ୍ତି ଏହାପରେ ଦୁଃଖ ଆହୁରି ବଢ଼େ। ଥିଲାବାଲା ଆହୁରି ଦ୍ରୁତ ଅର୍ଜନ ପାଇଁ ଅନ୍ୟାୟ ପଥ ଧରି ପାରନ୍ତି। ବାଣିଜ୍ୟ କରୁଥିଲେ ଯେଉଁ ବିଶ୍ୱାସ ସେ ପ୍ରଥମେ ଅର୍ଜନ କରିଥାନ୍ତି ତାହା ବଣିକ ଦ୍ରବ୍ୟରେ ମିଶ୍ରଣ କରି ରାତି ରାତି ବଡ଼ଲୋକର ସ୍ୱପ୍ନ ତାଙ୍କୁ ଭ୍ରଷ୍ଟ କରାଏ। ଓଜନରେ କାମ ଦେଇ ଦ୍ରବ୍ୟର ମୂଲ୍ୟ ଚଢ଼ା ନେଲେ ସେ ଭ୍ରଷ୍ଟ ହୋଇଥାନ୍ତି। ଅନେକ ଥିଲାବାଲା ଉଚିତ ମାର୍ଗରେ ଚଳୁଥିଲେ ବି କରଜ ଧାର ଲୋଭରେ ପଡ଼ି ଅଧିକ ଅର୍ଜନ ଚିନ୍ତାରେ ଯାଇ ନିଜର ଋଣଶୋଧ ଚିନ୍ତା ନକରି ଋଣ ଟଙ୍କାରେ ଅୟସ କରି ଲୋକଙ୍କୁ ଦେଖାଇ ହେବା ସ୍ତରକୁ ଆସିଥାନ୍ତି। ଋଣ ଅନାଦେୟରେ କେବେ ଘର ନିଲାମ, ଜମି ନିଲାମ ଗାଡ଼ି ଟଣା ହେଲାଣି ବାଣିଜ୍ୟ କାରଖାନା ନିଲାମ ହେଲେ ସେ ହେବେ ଭ୍ରାଷ୍ଟ। ଧନ ଅଛି ଦେଖାଇ ହୋଇ ବନ୍ଧୁଙ୍କୁ ନଚିହ୍ନି ଧାର ଦେଇ ତାକୁ ଆଦାୟକ କରିବା ଦୁରୂହ ହେଲେ ସମ୍ପର୍କତିକ୍ତ। ଥାନା କୋର୍ଟ ଗୁଣ୍ଡାପାର୍ଟି ଷଣ୍ଢା ଖର୍ଚ୍ଚ ପାଇଁ ଧାବିତ ହେଲେ ଭ୍ରଷ୍ଟା ହେବାକୁ ହୁଏ। ଦରିଦ୍ର ଦିଗ ଖୋଲିଯାଏ। ଶସ୍ତାଲୋକ ପ୍ରିୟତା ପାଇଁ ପଣ୍ୟ ଦ୍ରବ୍ୟ ବିକ୍ରେତା ହୋଇ ବାକି ଦେଲେ ଦିନେ ଭ୍ରଷ୍ଟ ହେବାକୁ ମହାଜନଙ୍କ ପାଖରେ ବ୍ୟାଙ୍କର ପାଖରେ ହେବାକୁ ହୁଏ। ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି। ତରିବାକୁ ଏହି ସଂସାର ବାରିଧି। ଧର୍ମ କହିଲେ ହିନ୍ଦୁ, ଖ୍ରୀଷ୍ଟିଆନ, ଇସଲାମ ଧର୍ମ କେବଳ ନୁହେଁ, ପ୍ରକୃତରେ ସବୁସ୍ତରରେ ସବୁ ବୟସରେ ସବୁ ଆଚରଣରେ ସବୁ ମୌଳିକରେ ସବୁ ଯୌଗିକରେ ଧର୍ମ ଅଛି। ଶିଶୁ ଅବୋଧ ଏହାକୁ ବାପମାଆ ଗୁରୁଜନ ବହୁ କ୍ଷେତ୍ରରେ କ୍ଷମା କରନ୍ତି। ଏଠାରେ କ୍ଷମା ଧର୍ମ ଶିଶୁପାଇଁ ଯାହା ଲାଗୁଛି ଜଣେ ବୟସ୍କ ଲୋକର ଗୁରୁତର ଭୁଲ ପାଇଁ ତାକୁ କେହି କ୍ଷମା କରନ୍ତି ନାହିଁ। ଏଠାରେ ଭୁଲକାମ ଯେ କରିଛି ସେ ଭ୍ରଷ୍ଟ ଓ ତାକୁ ଯେ କ୍ଷମା କରୁଛି ସେ ବି ଭ୍ରଷ୍ଟ। ମାତ୍ର ସୁଧାର ପାଇଁ ପ୍ରାୟଶ୍ଚିତ ଯେ କରିପାରୁଛି କରାଇ ପାରୁଛି ସେ ଭ୍ରଷ୍ଟ ହୋଇନପାରେ। ସେ ପୁନଃ ଜୀବନ ଧାରାରେ ପ୍ରବେଶ କରିପାରନ୍ତି।

ମାଇପଙ୍କ ଆଗରେ ପାଇକ ପଣିଆଁ ଅନେକ ଦେଖାନ୍ତି। ଦୁଇ ମଲ୍ଲଙ୍କ କୁସ୍ତୀ ଦେଖନ୍ତୁ ଏଥିରେ ଜଣେ ଜିତେ ଜଣେ ହାରେ। ଏଠାରେ ମଲ୍ଲଙ୍କର ପାଇକ ପଣ ଜଣାପଡ଼େ ମାତ୍ର ଜଣେ ମଲ୍ଲ ଦୁର୍ବଳ ଲୋକଙ୍କ ଉପରେ ପାଇକପଣ ଦେଖାଇଲେ କଣ ତାଙ୍କୁ ମଲ୍ଲବୀର କୁହାଯିବ କି ? ଗୁଣ୍ଡାଗିରି ଏପରି ଧନ୍ଦା, ନିରୀହ ଲୋକ ଉପରେ ଅତ୍ୟାଚାର। କାନୁନ ଅଛି ଅଦାଲତ ଅଛି ଥାନା ଅଛି ଏ ସବୁ ବାଦ ଗୁଣ୍ଡାଗିରିରେ ଲୋକଙ୍କୁ ତାପିତ କରି କିଛି କାର୍ଯ୍ୟ ହାସଲ ଏବେ କରାଯାଉଛି। ଏସବୁ ଭ୍ରଷ୍ଟବୃତ୍ତି ଏମାନଙ୍କୁ ନମସ୍କାର ପ୍ରକୃତରେ ନିଚପ୍ରୀତିର ନମସ୍କାର। ରାଜନୀତିରେ ଭ୍ରଷ୍ଟାଚାର ଏବେ ପୁରି ରହିଲାଣି। ସମ୍ବିଧାନର ଧାରାରେ କୌଣସି କାର୍ଯ୍ୟ ଓଲଟ ଭାବରେ ସାଧିତ କରିବାକୁ ଏବେ ଭ୍ରଷ୍ଟପଥ ଅବଲମ୍ବନ କରାଯାଉଛି। ସାର୍ବଜନୀନ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପର୍ଯ୍ୟାୟକୁ ମୁଷ୍ଟିମେୟ କେମିତି ହାସଲ କରିବେ ଏ ବୁଦ୍ଧି ଏବେ ରାଜନୀତିରେ ଆସି ପଶିଗଲାଣି ବ୍ୟାଙ୍କ ଜାତୀୟ କରଣରୁ ପୁଣି ପ୍ରାଇଭେଟ ସ୍ତର ଆସିବା ମୂଳରେ ଏପରି ମୁଷ୍ଟିମେୟ ତୋଷ ନିତି ରହିଛି।

ଚାକିରୀ ପାଇଁ ପ୍ରତିଯୋଗିତା ପରୀକ୍ଷା ରହିଛି। ମାତ୍ର ଏଥିରେ କୋଟା ଲଗାଯାଇଛି। ଜିତିଲେ ବି ଚାକିରୀ ହୋଇନପାରେ। ପ୍ରତି ଚାକିରୀ ପଥକୁ ବହୁ ତୀର୍ଯ୍ୟକ କରାଯାଇଛି। ସ୍ୱାସ୍ଥ୍ୟ, ବୟସ, ବିଦ୍ୟାର ସ୍ତର, ଜାତି ଭଳି ଦିଗର ଗୁଡ଼ିକ ଦଲେ ଚାକିରୀ ମିଳିପାରିବା ସ୍ତରକୁ ଆସିପାରେ ପୁଣି ଏହାମଧ୍ୟରେ ଅନ୍ୟାୟ ପଥ ଡାକ୍ତରୀ ମାୟନାରେ ଲଗାଯାଇ ବାତିଲ କରାଯାଇପାରେ। ବୟସ ଦୃଷ୍ଟେ ବି ବାଧା ଉଠିପାରେ, ବିଦ୍ୟାରେ କ୍ୟାରିଅର ଦେଖି ପ୍ରତିବନ୍ଧକ କରାଯାଇପାରେ। ଉଚ୍ଚତାରେ ଶଣୀରର ଦକ୍ଷତାରେ ଚାକିରୀ କଟିପାରେ। ଜାତି କଥା ଉଠିଲେ ଏବି କୋଟାରେ କଟୁଛି। ଜାତି ସାର୍ଟିଫିକେଟ ପାଇଁ ସରକାରୀ ଦପ୍ତରକୁ ଦୌଡ଼ି ଦୌଡ଼ି ଥକତ କରାଯାଉଛି। ଏମିତି ଚାକିରୀ ପାଇଁ ଲୋକ ଜାଲିଆତି ସ୍ତରରେ ବି ଆସୁଛନ୍ତି ଲାଞ୍ଚ ଦେଇଛନ୍ତି। ଭୁଲକଥାରେ ପଶୁଛନ୍ତି ଏସବୁ ଭ୍ରଷ୍ଟାପଥ। ଏହି ପଥଚାରୀ ପରେ ଲାଞ୍ଚ ଦେଇଛନ୍ତି ବୋଲି ଲାଞ୍ଚ ଖାଇବେ ଏଇ ମାର୍ଗରେ ରହୁଛନ୍ତି ଏହା ବି ଜଟିଳ ଭ୍ରଷ୍ଟପଥ। ରାଜନୀତିରେ ହାଇକମାଣ୍ଡ ନିଷ୍ପେ ଅଛନ୍ତି ଏହା ପ୍ରକୃତରେ ଦଳପତି। ଦଳପତିଙ୍କ ରାୟ ନିୟମକୁ ନମାନି ଅନେକ ଦଳକୁ ଯାଇ କିଛି ଫାଇଦା ପାଉଛନ୍ତି। ପ୍ରକୃତରେ ଏହା ଠିକ ପଥ ନୁହେଁ। ଆଜି ଭାରତ ବର୍ଷରେ ଅନେକ ରାଜନୈତିକ ଦଳ କିନ୍ତୁ ଭାରତ ସ୍ୱାଧୀନତା ବେଳେ ଏକ ଦଳ ହିଁ ପ୍ରାଧାନ୍ୟ ରହିଥିଲା ସେହି ଏକ ଦଳ ଆଜି ବହୁଦଳରେ ପରିବର୍ତ୍ତନ ଏଇ ହାଇକମାଣ୍ଡଙ୍କ କଥା ନମାନି ହୋଇଛି। ପ୍ରକୃତରେ ସ୍ୱାର୍ଥ ପାଇଁ ଭ୍ରଷ୍ଟପଥ। କରଛଡ଼ା ନେତାମାନେ ଅବହେଳିତ ମନେ କରି ବୃତ୍ତି ବଞ୍ଚାଇବାକୁ ସ୍ୱାଧୀନ କିଛି କରିବା ଚେଷ୍ଟାରେ ଯିବା କଷ୍ଟ ଯୋଗୁ ଅନ୍ୟଦଳକୁ ଆଉଜି ଯାଉଛନ୍ତି। ଏଠାରେ ଯେ ତାଙ୍କୁ ଛାଡୁଛନ୍ତି ସେମାନେ ବି ଭ୍ରଷ୍ଟାପଥରେ ଅର୍ଥାତ୍ ଯୋଗ୍ୟତା ବିଚାର ତାଙ୍କର ଠିକ ହେଉନାହିଁ। ହାଇକମାଣ୍ଡଙ୍କ ମନ ମାନି ବି ଭ୍ରଷ୍ଟପଥ। ସାତକଥାରେ ସତୀ ଭୁଲେ। ଯେଉଁ ନାରୀ କୌଣସି ସୀମାରେ ରହିବା ମନସ୍ଥ ନୁହଁନ୍ତି ସେ ଭ୍ରଷ୍ଟ ହୁଅନ୍ତି। ଏକ ପତିବ୍ରତ ପାଇଁ ତାଙ୍କର ମନ ରହିନଥାଏ। ଅଭାବ ସୃଷ୍ଟିକଲେ ଅନ୍ୟତ୍ର ଅନ୍ୟ ଦ୍ୱାରା ଭାବ ହୋଇଯିବ ଏ ମାନସ ହିଁ ଭ୍ରଷ୍ଟ ପଥ। ଯେଉଁ ନାରୀମାନେ ସତ୍ୟପଥରେ ରହି ବଡ଼ ପଦବୀରେ ଅଛନ୍ତି ପ୍ରକୃତରେ ସେମାନେ ଲୋକମାତା ସେମାନେ ଲକ୍ଷ୍ମୀ ପାର୍ବତୀ ସରସ୍ୱତୀଙ୍କ ପରି ସମ୍ମାନନୀୟା। ମାତ୍ର ଭ୍ରଷ୍ଟ ପଥରେ ଯାଇ ଯେଉଁମାନେ ବଡ଼ ହୋଇଛନ୍ତି ମୋନେ ଯେତେ ଚନ୍ଦନ ଲିପିଲେ ବି ତାଙ୍କର କାରନାମାର ପାଶ୍ଚାତରେ ମୃଦୁ ଗୁଞ୍ଜନ ଉଠିଥାଏ।

ଜଣେ ନାରୀର ଭ୍ରଷ୍ଟ ପଥ ଆଶୁ ହୋଇପାରେ ଏ ପାଇଁ ମୂଳରୁ ନିୟନ୍ତ୍ରିତ ଜୀବନ ଧାରାରେ ଚାଲୁ ରଖିବା ଦରକାର। ସଂସାରରେ ସବୁ ନାରୀ କେବେ ସମାନ ହୋଇନପାରନ୍ତି। ଏପରି ଦାବୀ କରିବା ବି ଅଯୌକ୍ତିକ। କେତେକ ଦ୍ରବ୍ୟ ଅଛି ତାର ପ୍ୟାକେଟରେ ଲେବୁଲରେ ଏକ୍ସପ୍ୟାରୀ ତାରିଖ ଲେଖାଅଛି। ଏହି ଲେଖା ଦର୍ଶାଏ ସେ ଦ୍ରବ୍ୟ ସେହି ତାରିଖ ଯାଏ କାର୍ଯ୍ୟକାରୀ। ତାପରେ ଭ୍ରଷ୍ଟ। ମୂଳ ବୋତଲ ବା ପ୍ୟାକେଟର ଲେବଲ ଚିରି ତହିଁରେ ନୂତନ ଲେବଲ ମାରି କେହି ଏହାକୁ ବିକ୍ରୟ କଲେ କିଏ ଏହାକୁ ଦେଖୁଛି। ଭ୍ରଷ୍ଟ ଦ୍ରବ୍ୟକୁ ବିକ୍ରେତା ଏବେ ଅନେକ କ୍ରେତା ନିରୁପାୟ ଭ୍ରଷ୍ଟ ଚିନ୍ତାଧାରାରୁ ଆୟ ଏହା ବଢ଼ିବାରେ ଲାଗିଛି। ଗ୍ରାମର କଷ୍ଟ ଘଣାର ସୋରିଷ ତେଲ ଯେ ଖାଇଥିବେ ବର୍ତ୍ତମାନର ସୋରିଷ ତେଲ ଖାଇଲେ ବୁଝିପାରିବେ। ବର୍ତ୍ତମାନ ନାମ ବିକ୍ରୀ ଦ୍ରବ୍ୟ ବିକ୍ରୀ ନୁହଁ। ଏମିତି ଦୁଗ୍ଧ, ଦହି, ଘିଅ, ମହୁ କେହି ଠିକ ନୁହଁ। ସୂତାଲୁଗା ବି ମିଳାବଟ ଏପରି ଭ୍ରଷ୍ଟବେଲୀ ଆହୁରି ଆଗକୁ ବଢୁଛି। ଏପରି ଭ୍ରଷ୍ଟାଚାର କେମିତି ଶାନ୍ତ ହେବ ସମସ୍ତେ ଭାବନ୍ତୁ। କେବଳ ଅବତାର ପୁରୁଷ ଏହାକୁ ଆସି ଠିକଣା କରିପାରନ୍ତି କୌଣସି ସାଧାରଣ ପ୍ରଶାସନ ବା ବ୍ୟକ୍ତି ଏହା ଆଉ କରାଇ ପାରିବେ ନାହିଁ।


ବରେଣ୍ୟ ବାଣୀ'
ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ: ୯୪୩୭୦୩୧୨୫୩


## ମାଲେରିଆ ଓ ଯକୃତ



### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୩ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ। ମଶା କାମୁଡ଼ାରୁ ବର୍ଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା

### ବିଶ୍ୱ ମ୍ୟାଲେରିଆ ଦିବସ (୨୫ ଏପ୍ରିଲ)

*୨୫ ଏପ୍ରିଲକୁ ସାରା ବିଶ୍ୱରେ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଏ। ଏମିତି ବି କହିଲେ ଅଧେ ବିଶ୍ୱବାସୀଙ୍କ ପାଇଁ ପ୍ରତିଦିନ ହିଁ ମ୍ୟାଲେରିଆ ଦିବସ ହୋଇଥାଏ। ମଶା କାମୁଡ଼ା ଯୋଗୁଁ ହେଉଥିବା ଏହି ମାରାତ୍ମକ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ୨୦୧୫ରେ ପୁରା ବିଶ୍ୱରେ ୨୧୪ ନିୟୁତ ଜଣ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିଲାବେଳେ ୪୩୮,୦୦୦ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ସବୁଠୁ ଅଧିକ ସଂଖ୍ୟା ହେଉଛି ଆଫ୍ରିକୀୟ ଶିଶୁଙ୍କର। ୨୦୦୭ରେ ବିଶ୍ୱ ସ୍ୱାସ୍ଥ୍ୟ ମହାସଭାର ୬୦ତମ ଅଧିବେଶନରେ ଏହି ଦିବସ ପାଳନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଚଳିତ ବର୍ଷର ବାର୍ତ୍ତା 'ଅଧିକ ସମାନ ବିଶ୍ୱ ପାଇଁ ମ୍ୟାଲେରିଆ ବିରୋଧରେ ଲଢ଼େଇକୁ ତ୍ୱରାନ୍ୱିତ କରନ୍ତୁ।'। ମ୍ୟାଲେରିଆ ବିରୋଧରେ ବିଭିନ୍ନ ପ୍ରକାର ପଦକ୍ଷେପ ଯୋଗୁଁ ଏହାକୁ ନିୟନ୍ତ୍ରଣାଧୀନ କରାଯାଇପାରିଛି। ୨୦୦୦-୨୦୨୫ ଭିତରେ ବିଶ୍ୱରେ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ୬୦% ପ୍ରତିଶତ କମ୍ କରାଯାଇପାରିଛି।*

ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୨୦ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି। ଶ୍ରୀଲଙ୍କା ମଧ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ। ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭





### ହୃଦୟଟା ଭାବର ଗନ୍ତାଘର

### ନୂତନ କୁମାର ବେହେରା

ଜୀବନରେ ହୁଏ ଯା' ସହିତ ସଂପର୍କ ଯେତେ
ମନର ଭାବନା ତାର ରହେ ତା' ପ୍ରତି ସେତେ
ଏ ଦୁନିଆଁରେ କିଏ ହୁଏ ନିଜର କିଏ ହୁଏ ପର
କିଏ ହୁଏ ମହାଶତ୍ରୁ କିଏ ହୁଏ ପରମ ମିତ୍ର
ଆତ୍ମା ଓ ଆତ୍ମାର ସମ୍ବନ୍ଧ ପ୍ରାଣକୁ କରେ ପବିତ୍ର
ରୁଚି ନୀତି ଆଚରଣ ନେଇ ଗଢ଼ା ହୁଏ ଚରିତ୍ର
ଯାହାକୁ ଯିଏ ଭଲ ଲାଗେ ସେ ତା' ନିଜର
ସୁସଂପର୍କ ମନକୁ ରଖେ ନିର୍ବିକାର ସ୍ୱଚ୍ଛ ସୁନ୍ଦର
ସଭିଙ୍କ ପାଇଁ ହୃଦୟଟା ଭାବର ଗନ୍ତାଘର
ଭାବରୁ ନେଇ କରିଥାଏ ସେ ନିଷ୍ପତ୍ତି ତାର
ଭାବର ଆଦାନପ୍ରଦାନରେ ଦୂରହୁଏ ସଂକଟ
ତାର କ୍ରମଧାରା ଥିଲେ ଅବ୍ୟାହତ ରହେ ଅତୁଟ
ଜଣେ ଜଣକକୁ ନିଜର ବୋଲି ଦିଏ ନଜର
ଦୁଃଖରେ ସୁଖରେ ରଖିଥାଏ ତାର ଖବର
ସୁଖର ସାଥୀ ଦୁଃଖରେ ଚାଲିଯାଏ ଯଦି ଛାଡ଼ି
ସଂପର୍କର ବନ୍ଧନ ହୁଏ ଛିନ୍ନ ସବୁ ଯାଏ ବିଗିଡ଼ି
ମନର ଭାବକୁ ନେଇ ଜୀବନ ଜୀଏଁ ମଣିଷ
ସଂକଟରୁ ଉଦ୍ଧାରିଲେ କେହି ଆସେ ଦୃଢ଼ ବିଶ୍ୱାସ
ସଂସାରରେ ମଣିଷର ହୃଦୟଟା ଭାବର ଗନ୍ତାଘର
ସଭାବ ତାର ବଦଳି ଗଲେ ହୁଅଇ ସାତ ପର
ଆଶାନୁରୂପକ ନ ହେଲେ ଲାଗେ ଆଘାତ
ସହି ପାରେନା ଯେବେ ବସି କରେ ଅଶ୍ରୁ ପାତ
ଏଇ ଏକ ନିୟମର ସୂତ୍ରରେ ବନ୍ଧା ସଂପର୍କ
ଭୁଲି ତା' ଭୁଲ୍ ବୁଝାମଣାରେ କରେ ଯୁକ୍ତି ତର୍କ
ତାକୁ ନେଇ ହୋଇଥାଏ ଜୀବନର ଯାତ୍ରା
ତଦ୍ରୂପେ ସଫଳତା ବିଫଳତାର ବଢ଼େ ମାତ୍ରା
ଭାବ ବିନା ଆସେ ନାହିଁ ଆଶା ଫୁଟେନା ଭାଷା
ଜୀବନ ଲୋଡ଼ିଥାଏ ଆତ୍ମୀୟଜନଙ୍କ ଭରସା
ସଦିଚ୍ଛାର ସହ ସହଯୋଗ କରିବା ମାନବିକତା
ତାହା ହିଁ ପ୍ରକୃତ ଅନୁକମ୍ପା ସମ୍ବେଦନଶୀଳତା
ନୀତି ଆଦର୍ଶରେ ହୃଦୟଟା ଭାବର ଗନ୍ତାଘର
ପବିତ୍ର ବନ୍ଧନରେ ତା' ରହିଥାଏ ନିରନ୍ତର
ବ୍ୟତିରେକରେ ଯେତେ ଭାବ ହୁଅଇ ବ୍ୟର୍ଥ
କେବଳ ନିଜ କଥା ହିଁ ଭାବିବା ତ ସ୍ୱାର୍ଥ
ବ୍ୟକ୍ତିର ବ୍ୟକ୍ତିତ୍ୱ ହୋଇଥିଲେ ବଳିଷ୍ଠ ମହାନ
ସେଇ ମହତ ଗୁଣେ ପ୍ରଭାବିତ ହୁଏ ଜୀବନ
ଥିଲେ ଜଣେ ସଂକଳ୍ପବଦ୍ଧ ଲକ୍ଷ୍ୟ ହୁଏ ସାକାର
ପ୍ରମାଣିତ କରେ ହୃଦୟଟା ଭାବର ଗନ୍ତାଘର।


କୋହି,ବାରିପଦା,ମୟୂରଭଞ୍ଜ,
ମୋ: ୮୦୧୮୩୫୩୩୨୨


### ତମେ ଆସିବ ବୋଲି

### ମମତା ସାହୁ

ତମେ ଆସିବ ବୋଲି
ସଜାଇଛି ମନ ଅଗଣାକୁ
ପ୍ରୀତିର ସୁବାସିତ କୁସୁମରେ।

ତୁମେ ଆସିବ ବୋଲି
ଇଚ୍ଛା ହୁଏ ପ୍ରେମର ଜଳ ବିନ୍ଦୁ ହୋଇ
ଗଭିର ସାଗରରେ ହଜିଯିବା ପାଇଁ
ପ୍ରେମର ବିନ୍ଦୁ ବିନ୍ଦୁ ମୁକ୍ତା ସାଉଁଟି
ତମକୁ ପ୍ରେମ ମୁକ୍ତାରେ
ଅଳଙ୍କୃତ କରିବା ପାଇଁ ।

ତୁମେ ଆସିବ ବୋଲି
ନିଦ୍ରିତ ଆଖିରେ ଉଙ୍କି ମାରେ
ଅସରନ୍ତି ସ୍ୱପ୍ନ
ମୋଠୁଁ ମୋ ନିଜକୁ
କରିନିଅ ଅକ୍ତିଆର
ବାନ୍ଧିଦିଅ ତମ ପ୍ରେମ ଶିକୁଳିରେ
ପାରେନି ମୁକୁଳି କ୍ଷଣେ।

ତମେ ଆସିବ ବୋଲି
ଇଚ୍ଛା ହୁଏ ବେଳେ ବେଳେ
ବେଳାଭୂମି ପରେ
ଦୁହିଁଙ୍କ ପାଦ ଚିହ୍ନ ଦେଖିବାକୁ
ଜହ୍ନର ଶୀତଳ କିରଣରେ
ତମ ସ୍ପର୍ଶ ଟିକେ ପାଇବା ପାଇଁ ।

ତମେ ଆସିବ ବୋଲି
ଅଟକି ଯାଏ ଦିଗହରା ପଥ ସବୁ
ପଡିଯାଏ ଫିକା ଓଠର ଲାଳିମା
ତନ୍ଦ୍ରା ଅଧିନରେ
ଅଳସୀ ରାତିରେ
ପ୍ରୀତି ଭିଜା ରଜନୀରେ
ରଚିଯାଏ ଲଳିତ ଶୃଙ୍ଗାର ।


ଗାଇଗାଁ, କଳାହାଣ୍ଡି

# କ୍ୟାମ୍ପସ କବିତା



(ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ବାଲେଶ୍ୱରରେ ଅନୁଷ୍ଠିତ ବସନ୍ତ ଉତ୍ସବର ରୌପ୍ୟ ଜୟନ୍ତୀ ସମାରୋହରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଠିତ କବିତାର ସମାହାର....)

## କାହିଁ ସେ ବସନ୍ତ

**ତୁଳସୀ ମହାପାତ୍ର**

ବାର ମାସରେ ଛଅଟି ଋତୁ
ସବୁଠୁ ଶ୍ରେଷ୍ଠ ବସନ୍ତ ଋତୁ।
କାହିଁ ଅଛି ସେ ଛଅଟି ଋତୁ
ନା ଅନୁଭୂତ ହେଉଛି ବସନ୍ତ ଋତୁ !

ନା ଅଛି ଆଜି ସେ ବଉଳର ବାସ୍ନା
ନା ଅଛି ଲୋକଙ୍କ ମନରେ
ଦୟା, ଭାବନା।
ବସନ୍ତ ଋତୁରେ ଭାସି ବୁଲେ
ମଳୟ ପବନ
ଦେହେ ବାଜି ଖେଳାଏ ନୂଆ ଶିହରଣ।

କାହିଁ ସେ ଶୁଦ୍ଧ ମଳୟ ପବନ
ସବୁଆଡ଼େ ବିଶୁଦ୍ଧ ବାୟୁର ଆବରଣ।

ବସନ୍ତ ଋତୁରେ ପରା
ହୁଏ ପ୍ରେମ ଓ ପ୍ରକୃତିର ମିଳନ
ହେଲେ ଆଜି,
ବିବେକହୀନ ମଣିଷ ପ୍ରକୃତିକୁ ନଷ୍ଟକରି
ଖୋଜେ ନିଜ ପାଇଁ ଅଭୁଲା
ସୁଖମୟ ଜୀବନ।

କାହିଁ ଗଲା ସେ ମଳୟ ପବନ
କାହିଁ ଶୁଭୁନାହିଁ
ସେ କୋଇଲିର କୁହୁକୁହୁ ତାନ ?

ପ୍ରଭାତ ହେଉଣୁ ଶୁଭୁଥିଲା
ପକ୍ଷୀଙ୍କ କୂଜନ
ମାତ୍ର ଏବେ ପ୍ରଭାତରୁ ରାତ୍ରିଯାଏ
ଶୁଭେ ଖାଲି କୋଳାହଳ ତାନ।

ବସନ୍ତ ଋତୁ ପାଇଁ ଆମେ
ପାଳିଥାଉ ବସନ୍ତ ଉତ୍ସବ
ସେହି ସୁଖମୟ ସମୟକୁ
ଫେରାଇ ଆଣିବାପାଇଁ
ଏହି ବସନ୍ତ ଉତ୍ସବରେ
ନେବା ଆମେ ସମସ୍ତେ ଶପଥ।

## ବସନ୍ତର ପ୍ରୀତି

**ବସୁମତୀ ବାରିକ**

ଷଡ଼ ଋତୁ ସାଜି ପ୍ରକୃତି ପ୍ରସୂନ
ଏକଗବେ ସମାଗମ
ଫଗୁ ବସନ୍ତର ଅବିର ସୁରଭି
କୋକିଳ ପଞ୍ଚମ ତାନ।

ଆସିଛି ଫଗୁଣ ନାଲିପାଟ ପିନ୍ଧି
ସାଜିଛି ସେ ନବବଧୂ
କେତେ ଯେ ରଙ୍ଗେ ଫୁଟିଅଛି ଫୁଲ
ଝରୁଛି ପ୍ରୀତିର ମଧୁ।

ପୂରବୀ ରାଗରେ ଝଙ୍କାର ତୋଳି
ମଳୟ ଯାଉଛି ବହି।
ହିଲ୍ଲୋଳିତ ହୁଏ ସଭିଙ୍କ ପରାଣ
ପୁଲକିତ ହୁଏ ମହି।

ଚ୍ୟୁତ ବୃକ୍ଷେ ଲୁଚି କୋକିଳ ସୁନ୍ଦରୀ
ଗାଉଛି ପ୍ରେମର ଗୀତ
ପଞ୍ଚମ ତାନେ ତା ଦୋହଲେ ପରାଣ
ବିମୋହିତ ହୁଏ ଚିତ୍ତ।

କେବେ ଫୁଲ ପାଖୁଡ଼ା ତ
କେବେ କଅଁଳିଆ କୋଷପତ୍ର
କେବେ ଜୀବନର ମିଠା ସ୍ମୃତି
କେବେ ଶ୍ରମ ସଂଘର୍ଷର ଚିତ୍ର।

ତଥାପି ବସନ୍ତ ମନଖୋଲି ହସେ
ପ୍ରେମ ପରି ବାର୍ତ୍ତା ଦେଇ
ନୂଆ ଦିନଟିଏ ପାଇଁ ଦିଏ ସେ ପ୍ରେରଣା
ବିଗତକୁ କ୍ଷମା ଦେଇ।

ଫଗୁଣର ବସନ୍ତକୁ ସ୍ୱାଗତ ଜଣାଇ
ପ୍ରକୃତି ରାଣୀକୁ ଦିଏ ସେ ସଜାଇ
କାହିଁ କେତେ ଦିନୁ
କବି ବସଇ ଚାତକ ହୋଇ
ବସନ୍ତର ସ୍ପର୍ଶ ଲଭି କବିତା ଲିଖନ ପାଇଁ।

ବସନ୍ତର ଶିହରଣ ସତେ ଅବା ମନୋହର
ନଥାଏ ଭେଦଭାବର କୀର୍ତ୍ତି
ସଭିଁଙ୍କ ହୃଦୟ ନାଚିଉଠେ ବସନ୍ତ
ଋତୁରାଜ ପାଇଁ
ଦିଏ ସେ ପ୍ରେମରଙ୍ଗ ଗୁନ୍ଥି।

ସମୟ ଚକ୍ରରେ ବସନ୍ତର ବିଦାୟ
ଗ୍ରୀଷ୍ମର ଆଗମ ପାଇଁ
ଓଡ଼ିଆ ବିଭାଗେ ସ୍ୱତନ୍ତ୍ର 'ବସନ୍ତ ଉତ୍ସବ'
ଆନନ୍ଦ ପୁଲକ ବୋଲି ଦେଉଛୁ ମନାଇ।

+୩ ତୃତୀୟ ବର୍ଷ କଳାଛାତ୍ରୀ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

## ବସନ୍ତର ଛୁଆଁ

**ରଂଜିତା ମୁଣ୍ଡା**

କୁହୁକୁହୁ ସୁରେ ଗାଉଛି କୋଇଲି
ବହେ ଚଇତାଳି ବାଆ
ସେ ଚଇତି ବାଆ ମତୁଆଲା କରେ
ତାତିରେ ବି ଖୁସି ଛୁଆଁ ।

ପଳାସ କୃଷ୍ଣଚୂଡ଼ା ବଢାଏ ଶୋଭା
ଦିଶେ ଧରା ନାଲି ନାଲି
ସବୁଜିମା ଧରା ହସୁଅଛି ପରା
ଖିଲି ଖିଲି ମନ ଖୋଲି।

ଚୈତ୍ର ଆଗମନେ ଫଗୁଣ ହସେ
ବଉଳ ମହକେ ମିଠା
ପ୍ରୀତିର ଫୁଲରେ ମହକେ କାମନା
ବରଷେ ପ୍ରେମର ଛିଟା।

ଶୀତ ଖରା ନାହିଁ ବସନ୍ତର ମାସ
ଧରିତ୍ରୀରେ ମଧୁମାସ
ସବୁଜିମା ରୂପ ସମ୍ଭାରରେ ଭରା
ମନରେ ଭରିଛି ହର୍ଷ।

ଦଣ୍ଡନାଚ ଆଉ ଘଣ୍ଟା ପାଟୁଆ ଯେ
ମନକୁ ନେଉଛି ମୋହି
ମାଁ ଭଦ୍ରକାଳୀଙ୍କ ଲଭ୍ୟ ଆଶୀଷରେ
ଧନ୍ୟ ମଣୁଅଛି ମହୀ।

ଶେଷ ମାସ ଇଏ ପରଶ କାଳରେ
ଦେଇଯାଏ ଚଇତି ଛୁଆଁ
ଭକ୍ତିଭାବ ଭରିଦିଏ ଯେ ସବୁରି
ବସନ୍ତ ଶେଷରେ ଆହା।

ଫୁଲେଇ ଫଗୁଣ ଚଞ୍ଚଳା ହେଲାଣି
ନେବାକୁ ଆମଠୁ ବିଦାୟ
ସୌନ୍ଦର୍ଯ୍ୟ ପ୍ରତିଛବି ମନେ ଆଙ୍କିଯାଅ
ସ୍ପର୍ଶରେ ତୁମ ମଳୟ।

ହେ ଫଗୁଣ ତୁମ ମଳୟ ପରଶେ
ମନେ ଜାଗେ ମିଠା ପ୍ରୀତି
ଫଗୁଣ ଗୋ ତୁମେ ପ୍ରତି ପ୍ରୀତି ପ୍ରାଣେ
ଦେଇଯାଅ ମଧୁ ସ୍ମୃତି।

ପୁନେଇ ଆକାଶ ପ୍ରେୟସୀର ପ୍ରାଣେ
ଭିଜା ଜୋଛନାର ରାତି
ଋତୁରାଜା ତୁମେ ପ୍ରେମ ଋତୁ ପରା
ମନରେ ଭରୁଛି ତାତି।

ନାଳି କୃଷ୍ଣଚୂଡ଼ା ଆମ୍ବ ତୋଟା ବାଆ
ଗଛମୂଳେ ଜମେ ଆସର
ଅଦିନ ମଳୟ ବସନ୍ତରେ ମୃଦୁ
ଛୁଆଁ ଯେ କେଡ଼େ ସୁନ୍ଦର।

## ବସନ୍ତ

**ମୋନାଲିସା ବେହେରା**

ଋତୁରାଜ ବସନ୍ତର ଆଗମନ କାଳେ
ପ୍ରକୃତିରାଣୀ ହସି ଉଠେ
ସଦା ଜଳେ ସ୍ଥଳେ
ଝଙ୍କାରୀର ରିଣିଝିଣି ଶବ୍ଦ
ଆଉ କୋଇଲିର କୁହୁକୁହୁ ତାନ।

ଆନନ୍ଦରେ ଭରି ଉଠେ ସଭିଁଙ୍କ ଜୀବନ
ଆନନ୍ଦ ଉଲ୍ଲାସେ
ଭରିଉଠେ ପଲ୍ଲୀପୁରବାସୀ
ରଙ୍ଗ ଫଗୁ ଖେଳି ବାଣ୍ଟନ୍ତିରେ ଖୁସି
ମଧୁମକ୍ଷୀ ଉଡ଼ିବୁଲେ ଗୁଣୁଗୁଣୁ ହୋଇ
ଏ ଫୁଲରୁ ସେ ଫୁଲକୁ ଯାଏ ଛୁଇଁ ଛୁଇଁ
ଫୁଟି ଉଠେ କେତେ ଫୁଲ
ସୁଗନ୍ଧ ବିତରି
ଚଉଦିଗ ମହକାଏ
ସୁଦୂର ପ୍ରସାରୀ ।

ଗଛ ଗହଳରୁ ଶୁଭେ
କୁହୁ କୁହୁ ତାନ
କୋଇଲିର ମିଠା ସୁରଶୁଣି
ପୁରିଯାଏ ସଭିଙ୍କର ମନ ।
ସମୟର ଚକ୍ରବାଳେ
ବସନ୍ତ ଯେ ଘୁରେ
ଆସିଲେ ସେ ନାଚିଉଠେ
ପ୍ରକୃତି ଖୁସିରେ ।
ଏହି ଦିନେ ନା ଥାଏ ଶୀତ
ନା ଥାଏ ବର୍ଷା ନା ଖରା ଥାଏ
ଜୀବନକୁ ଉପଭୋଗ କରିବାର
ଏତ ପ୍ରକୃତ ସମୟ
ଖୁସି ଦେଇ ସଭିଙ୍କୁ ସେ
ଖୁସି ବାଣ୍ଟୁଥାଏ ।

## ଫେରିଆସ ତୁମେ ବସନ୍ତ

**ଦମୟନ୍ତୀ ପରିଡ଼ା**

ଫେରି ଆସ ତୁମେ ବସନ୍ତ
ତୁମ ସାଙ୍ଗରେ ଘେନି ଆସ
ବଉଳର ବାସ
ବାଇ ଚଢ଼େଇର ବସା ସାଙ୍ଗକୁ
କୋଇଲିର କୁଉ କୁଉ ତାନ
ନାନା ରଙ୍ଗ ବେରଙ୍ଗ ପୁଷ୍ପ ପୁଣି
ତାହାର ମତୁଆଲା ବାସ
ସେଥିପାଇଁ ଆଉ ଥରେ
ଫେରି ଆସ ତୁମେ ହେ ବସନ୍ତ।

ତୁମରି ଫେରିବା ବାଟକୁ
ଚାହିଁ ବସିଛି ସାଧବରାଣୀ
ଲାଲି ଟୁକୁ ଟୁକୁ ଓଢ଼ଣୀ ମଧ୍ୟରେ
ତୁମକୁ ସ୍ୱାଗତ କରିବ
ପ୍ରୀତିଭରା ଠାଣିରେ
ତୁମରି ଫେରିବା ବାଟକୁ
ଚାହିଁବସିଛି କେଉଁ କାଳରୁ
ସେଥିପାଇଁ ଆଉ ଥରେ
ଫେରି ଆସ ତୁମେ ବସନ୍ତ।

ଶିମିଳି-ପଳାଶ ସଙ୍ଗେ ନାଲି କୃଷ୍ଣଚୂଡ଼ା
ଫୁଟି ଦିଶେ କି ମନୋହର
ନଦୀ, ନାଳ, ବନଲତା ପର୍ବତ ଛାତିରେ
ନାନାରଙ୍ଗ ଫୁଲଫୁଟି ଶୋଭାକୁ ବଢ଼ାଏ।

ଏ ପାଖ ସେପାଖ ଫୁଲରେ ଉଡ଼ିବୁଲି
ମଧୁମକ୍ଷୀକା ଗାଏ ନାନା ରଙ୍ଗ ଗୀତ
ନାନା ପ୍ରଜାପତି ଉଡ଼ିଆସି
ଫୁଲରେ ଥାଏ ବସି
ସତେ ଲାଗୁଥାଏ ସ୍ୱର୍ଗ କି
ମର୍ତ୍ତ୍ୟପୁରେ ଆସିଛି ଓହ୍ଲାଇ ।

ବସନ୍ତରେ ନଥାଏ ଶୀତର ପ୍ରକୋପ କି
ବର୍ଷାର ବଜ୍ରପାତ କି ଗ୍ରୀଷ୍ମର ଝାଞ୍ଜି
କେବଳ ବହି ଆସେ ମଳୟ ପବନ
ମନକୁ ଦିଏ ଶାନ୍ତି।
ଫଗୁଣର ଏ ପହିଲି ଛୁଆଁଟି
ଆନନ୍ଦ ଉଲ୍ଲାସ ପଲ୍ଲୀପୁରବାସୀ
ନାନା ରଙ୍ଗେ ଖେଳନ୍ତି ପର ଆପଣା ଭୁଲି

ପ୍ରୀତିର ମିଠା ଦିଏ ଚଖାଇ
ବସନ୍ତର ମଳୟ ପବନ।

ତୁମକୁ ଅପେକ୍ଷା କରିଛନ୍ତି
ଯେ କେତେ କବିଗଣ
ତୁମ ରୂପ-ଲାବଣ୍ୟରେ
ବିମୋହିତ ହୋଇ
ଲେଖନୀ ମୁନରେ ଖଞ୍ଜି ଦେବେ
କେତେ କବିତା ରାଜି।
ଷଡ଼ଋତୁ ମଧ୍ୟରେ ଶ୍ରେଷ୍ଠ
ତୁମେ ବସନ୍ତ ଋତୁରାଜ ବସନ୍ତ
ତୁମରି ଫେରିବା ବାଟକୁ
ଚାହିଁ ବସିଛି ପଲ୍ଲିବାସୀ
ସେଥିପାଇଁ ଆଉ ଥରେ
ଫେରି ଆସେ ତୁମେ ବସନ୍ତ।

## ଆସିଛି ବସନ୍ତ

**ଶୁଭସ୍ମିତା ରାଜ**

ଓଡ଼ିଆର ବାରମାସେ ଛ' ଋତୁ
ସେହି ଋତୁ ମଧ୍ୟେ ନିଆରା ବସନ୍ତ ଋତୁ।
ବସନ୍ତ ଋତୁ ଯେ କେଡ଼େ ମନୋହର
ପରିବେଶ ଦିଶେ ଭାରି ନିରିମଳ
ଓଡ଼ିଆ ବିଭାଗର ଏହି ନିଆରା ପର୍ବ
ଗର୍ବରେ ସବୁ ପାଳନ୍ତି ଏ ଉତ୍ସବ
ଗୁରୁଜନଙ୍କୁ ଲଗାଇ ଯେ, ଅବିର
ସମସ୍ତଙ୍କୁ ଆମେ ହେଉ ଜୁହାର
ସବୁ ଉତ୍ସବ ଭଳି ଏହି ଉତ୍ସବ
ତା'ର ନାମ ପରା ବସନ୍ତ ଉତ୍ସବ
ସବୁ ଋତୁ ମଧ୍ୟେ ରାଜା ଏ ବସନ୍ତ
ଆମ୍ଭେ ପାଳନ କରୁ ଏହି ଉତ୍ସବ
ସବୁ ବିଭାଗରୁ ଅନ୍ୟତମ ଆମ ବିଭାଗ
ଆନନ୍ଦରେ ପାଳିବା ବସନ୍ତ ଉତ୍ସବ।

+୩ ଦ୍ୱିତୀୟ ବର୍ଷ କଳା

## ଧନ୍ୟ ତୁ ରୂପସୀ ରୂପ୍‌ସା

**ତାପସ କୁମାର ପଣ୍ଡା**

ଧନ୍ୟ ତୁ ରୂପସୀ ରୂପ୍‌ସା
ଯେବେ ତୋ ରୂପ ପ୍ରତିବିମ୍ବିତ ହୁଏ
ସାହିତ୍ୟ ଦର୍ପଣେ
ଉନ୍ମୋଚିତ ହୁଏ ମାନସ ପଟେ ମୋ
ଇତିହାସର ପୃଷ୍ଠା।

ଏଇ ରୂପ୍‌ସାର ସେ
ଚୁଡ଼ାଖିଆ ନଦୀତଟେ
ଲାଗୁଥିଲା କେତେ କେତେ
ଛୋଟବଡ଼ ଡଙ୍ଗା ଓ ଜାହାଜ।
ମୋ ପୂର୍ବ ପୁରୁଷ କରୁଥିଲେ
କେତେକେତେ ବାଣିଜ୍ୟ।
ସତେ ଅବା ଆଜି ନାହିଁ
ସେ ଦିନର ବାସ୍ନା
ହେଲେ ଉଙ୍କିମାରେ ବିଗତ ଦିନର
ସେ ଚୁଡ଼ାଖିଆ ନୁହେଁ
ନାମାଙ୍କିତ ସେ ରୁପେଇ ବନ୍ଦରର
ବାଣିଜ୍ୟ ସମୃଦ୍ଧି।

ଧନ୍ୟ ତୁ ରୂପସୀ ରୂପ୍‌ସା
ସତେ ଅବା ତୋ ରୂପ ଛଟାର
କି ରୂପ ଲାବଣ୍ୟ
କି ରୂପେ ପ୍ରଶଂସିବି ତୋତେ
ଭାଷା ମୁଁ ପାଉନି ସତେ।
ତୋ ବକ୍ଷପରେ ଶିକ୍ଷା ଓ ସଂସ୍କୃତି
ବିକାଶର ଧାରା ଛୁଟେ।
ଧନ୍ୟ ହେଉ ଏ ମାଟି ରୂପ୍‌ସା
ଧନ୍ୟ ହେଉ।

ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ
ମାନବିକ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ
ବିଦ୍ୟାଳୟ, କସିପଦା, ରୂପସା

## ବସନ୍ତ ଆସିଛି

**ଜୟଶ୍ରୀ ସାହୁ**

ବାର ମାସରେ ଛଅଟି ଋତୁ
ସବୁଠୁ ସୁନ୍ଦର ବସନ୍ତ ଋତୁ
ଋତୁରାଜ ବୋଲି ଅଟଇ ହେତୁ
ଫାଲଗୁନ ଚୈତ୍ର ଯେ ବସନ୍ତ ଋତୁ।

ଆମ୍ବ ବଉଳଇ ଫଗୁଣ ମାସେ
ଦିଗ ଚହଟାଇ ତାର ସୁବାସେ।

ଋତୁରାଜ ବସନ୍ତର ପହିଲି ପରଶେ
ପ୍ରକୃତିର ଶୋଭା ଦେଖି
ମହିରାଣୀ ହସେ।

ଆମ୍ବଡାଳେ ଶୁଭୁଅଛି କୁହୁକୁହୁ ତାନ
ଫେରିଲାଣି କୋକିଳର
ମିଠା ମଧୁ ଗାନ।

ଶିମିଳି ପଳାଶ ସଙ୍ଗେ ନାଲି କୃଷ୍ଣଚୂଡ଼ା
ହସିହସି ଫୁଟିଲେଣି
ଦିଶେ ମନୋହରା।

ନଦୀନାଳ ବନଲତା ପର୍ବତ ଛାତିରେ
ଫୁଟି ଫୁଟି ମହକାଏ ନାନାଦି ରଙ୍ଗରେ।

ମଧୁମକ୍ଷୀ ଉଡ଼ିବୁଲେ ଗୁଣୁଗୁଣୁ ହୋଇ
ଏ ଫୁଲରୁ ସେ ଫୁଲକୁ ଯାଏ ଛୁଇଁ ଛୁଇଁ।

ଆନନ୍ଦ ଉଲ୍ଲାସେ ପଲ୍ଲୀପୁର ବାସୀ
କେତେ ରଙ୍ଗେ ଫଗୁ
ଖେଳି ବାଣ୍ଟନ୍ତିରେ ଖୁସି।

ସୁନ୍ଦର ଦିଶୁଛି ଧରଣୀ ରାଣୀ ମୋ
ନୂତନ ଫୁଲ ସମ୍ଭାରେ
ପଳାସ କୁସୁମ ବରଷକେ ଥରେ
ଖୋଜାପଡ଼େ ଫଗୁଣରେ।

## ଋତୁରାଜଙ୍କ ଆଗମନେ

**ପ୍ରଜ୍ଞା ପିପାସା ଦାସ**

ମୁଁ ଦେଖୁଥିବା ସେଇ ବସନ୍ତଟା
କେବେଠୁ ଗଲାଣି ହଜି।

କେବେ ଦିନେ ତାର ମୃଦୁ ମଳୟରେ
ମନ ଯାଇଥିଲା ଭିଜି।

ଚଗଲୀ କୋଇଲି ସୁମଧୁର ସୁରେ
କେତେ ଗୀତ ଗାଉଥିଲା
ସମୟ ସହିତ ଲିଭିଗଲା ସିଏ
କେଉଁଠାରେ ହଜିଗଲା।

ଫୁଲ ବି ଫୁଟିଛି ବାସନାଟି ଅଛି
ନାହିଁ ହେଲେ ମାଦକତା
ମଉଳି ଯାଇଛି କାଲିର ସେଦିନ
ଚଉଦିଗେ ନୀରବତା ।

ଆମ୍ବଗଛ ମୂଳେ ବଉଳେ ଗହଳେ
ପ୍ରେମିକା ଲେଖୁଛି ଚିଠି
ସୋରିଷ କ୍ଷେତରେ ସୋରିଷ ଗଛଟା
ପବନେ ଯାଉନି ଲୋଟି।

ପ୍ରାଚୀ ଗଗନରେ ରବି ଉଠେ ହସି
ଶାନ୍ତ ସ୍ନିଗ୍ଧ ପରିବେଶ
ଦୋଳଯାତ ପାଇଁ ପଲ୍ଲୀ ଉଠେ ଚେଇଁ
ସବୁରି ପରାଣେ ହସ।

ସବୁରି ପରାଣେ ପ୍ରେମ,
ପ୍ରୀତି, ଭରା ମଧୁର ମଧୁ ଲଗନ
ରାଜା ଆଗମନେ ତନୁମନ
ପ୍ରାଣେ, ହୋଇଯାଏ ଆଜି ଧନ୍ୟ।

+ ୩ ତୃତୀୟ ବର୍ଷ କଳା ଛାତ୍ରୀ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

## ଋତୁରାଜ ଆଗମନ

**ସସ୍ମିତା ପଣ୍ଡିତ**

ଋତୁରାଜ ବସନ୍ତର ପହିଲି ପରଶେ
ପକୃତିର ଶୋଭା ଦେଖି
ମହୀରାଣୀ ହସେ।

ଆମ୍ବ ଡାଳେ ଶୁଭୁଅଛି କୁହୁକୁହୁ ତାନ
ଫେରିଲାଣି କୋକିଳର ମିଠ ମଧୁଗାନ।
ଶିମିଳି ପଳାଶ ସଙ୍ଗେ... ନାଲି କୃଷ୍ଣଚୂଡ଼ା
ହସିହସି ଫୁଟିଲେଣି କିଣିନିଏ ମନ।

ନଦୀ ନାଳ ବନଲତା ପର୍ବତ ଛାତିରେ
ଫୁଲ ଫୁଟି ମହକାଏ ନାନାଦି ରଙ୍ଗରେ।

ମଧୁମକ୍ଷୀ ଉଡ଼ିବୁଲେ ଗୁଣୁଗୁଣୁ ହୋଇ
ଏ ଫୁଲରୁ ସେ ଫୁଲକୁ ଯାଏଁ ଛୁଇଁ ଛୁଇଁ
ଶୀତ ପ୍ରକୋପ ଦେହେ ଜମା ବାଜୁନାହିଁ
ବର୍ଷାର ବାରିଧାରା ଆଉ ଖସୁନାହିଁ।

ଗ୍ରୀଷ୍ମର ଝାଞ୍ଜିମାଡ଼େ
ଦେହ ତାତୁ ନାହିଁ
ସମୟର ଚକ ଘୁରେ ଘିରିଘିରି ହୋଇ...
ଆସିଛନ୍ତି ଋତୁରାଜ କେତେ ସୁଖ ନେଇ
ଆନନ୍ଦ ଉଲ୍ଲାସେ ପଲ୍ଲୀପୁରବାସୀ
କେତେ ରଙ୍ଗେ ଫଗୁ ଖେଳି
ବାଣ୍ଟନ୍ତି ଯେ ଖୁସି।

## ଦିଗହଜା ବସନ୍ତ

**ଦଶରଥ ମହାନ୍ତ**

ଅତି ରସମୟ ସମୟ ବସନ୍ତ
ହୋଇଅଛି ଆଜ ବିସ୍ମୟ
ପଳାଶ କୁସୁମ ହେଲାଣି
ଜରୀର ପାଖୁଡ଼ା
ସାତ ସପନ ହେଲାଣି ମଲ୍ଲୀର ଗଜରା
ନାଇଲନ ଫିତାରେ ହୁଏ
ତୈଲଙ୍ଗୀର ଜୁଡ଼ା।

ବସନ୍ତ ଆଜି ଧକ୍କା ଖାଏ ଗୁଗୁଲ ଆଉ
ୟୁଟୁବର ଚେନାଲ ଭିତରେ
ଫୁଟନ୍ତା ଭାତର ବାସ୍ନା
ବି ହୁଏ ବାଟବଣା
କେମିକାଲ ବୋଳା
ଚିକେନ ଚାଖଣାରେ।

ଶୋଳର ଦନା ଆଉ ଖଲିର
ଦାମ୍ ବଢ଼ି ବଢ଼ି ଚାଲେ
ପଲ୍ଲବିତ ଅମରି ଲଟାରେ।

ମୁଁ ହତଭାଗା ବାସନ୍ତୀକୁ
ପାଇଲିନି ଖୋଜି
ଜାତୀୟ ଫଳ ବଗିଚାରେ
ଡିଜେ ମିକ୍ସ ତାନରେ
ଯାଏ ପଛେ ହଜି।

+ପ୍ରିୟାଂଶୀ ରାଧେ
ଉଚ୍ଚମାଧ୍ୟମିକ ବିଜ୍ଞାନ
ଆବାସିକ ବିଦ୍ୟାଳୟ, ବୈଶିଙ୍ଗା
ମୋ: ୬୩୭୦୨୨୨୦୯୩

## ବସନ୍ତ

**ସସ୍ମିତା ବେହେରା**

ଋତୁର ରାଜା ବସନ୍ତ
ଏହି ଋତୁର ଆଗମନରେ
କୋକିଳ ଗାଏ ଗୀତ
ବସନ୍ତ ଋତୁରେ ପ୍ରକୃତିର ସୌନ୍ଦର୍ଯ୍ୟ
ଫିକା ମନରେ ଭରିଦିଏ ରଙ୍ଗ
ବସନ୍ତ ଋତୁର ସୌନ୍ଦର୍ଯ୍ୟ ଏପରି
ଆଉ କେ ଋତୁ ତା ସହ
ହେବନାହିଁ ସରି
ବସନ୍ତ ଆରମ୍ଭେ ନୂଆ ଫୁଲ
ନେଇ ଫୁଲେଇ
ହେଉଛି ଧରଣୀ ରାଣୀ
ପଳାଶ କୁସୁମ ଖୋଜାପଡ଼େ
ବସନ୍ତରେ ପୁଣି
ଶୀତ ଅନ୍ତେ ବସନ୍ତ ଆସେ
ମଳୟ ପବନ ଧରି ସଭିଙ୍କ ମନକୁ
କରେ ଆନମନା
ସୁନ୍ଦର ଅନୁଭୂତି ନେଇ।

## ବସନ୍ତର ଆଗମନ

**ରେଖା ଜେନା**

ବସନ୍ତେ ଆସେ ଯେ ଆମ୍ବ ବଉଳ
ଚହଟଇ ଚଉଦିଗ ସକଳ।

ମଳୟ ପବନ ଧିର ବସନ୍ତେ
ପ୍ରବାହିତ ହୁଏ ଦିଗ ଦିଗନ୍ତେ।

ନାନା ଫଳ ପୁଷ୍ପେ ବିଚିତ୍ର ଶୋଭା
ଋତୁରାଜ ବୋଲି ହୁଅଇ ଉଭା।

କୋକିଳ କଣ୍ଠରେ ସପ୍ତମ ତାନ
କୁହୁ କୁହୁ ବୋଲି ମଧୁର ନାମ।

ହଳଦୀ ବସନ୍ତ ଡେଣା ମେଲାଇ
ଫଗୁ ଉତ୍ସବକୁ ଡାକୁଛି ସେହି।

ବସନ୍ତ ଋତୁରେ ବାସନ୍ତି ଦେବୀ
ବସନ୍ତରେ ଆସେ ରାମ ନବମୀ।

ଶୀତ ପରେ ବସନ୍ତ ଆସିଲା
ବସନ୍ତ ଆଗମନେ ଧରଣୀ ହସିଲା।

ରାଇଜ ଦିଶିଲା ସବୁଜମୟ
ପୁଲ୍ଲକିତ ହେଲା ସବୁଜ ହୃଦୟ।

ଫାଲଗୁନ୍ ଚୈତ୍ରେ ବସନ୍ତ ଆଗମନ
ପୁଷ୍ପା ହୁଏ ଆଚ୍ଛାଦିତ ଚଉଭୁବନ।

ବସନ୍ତେ ହୋଇଲା ହିନ୍ଦୁ
ନବ ବର୍ଷର ଆରମ୍ଭ।

ବିଭିନ୍ନ ଫୁଲ ଫଳେ
ଧରଣୀ ହେଲା ଭୂଷଣ।

କୋଇଲିର ସୁର ଚଉଦିଗେ ବ୍ୟାପେ
ମିଠା ସୁରେ ସେ ତ
ବସନ୍ତ ଋତୁର ସୁଗୁଣ ଜପେ।

ଋତୁ ମଧ୍ୟେ ରାଜା ବସନ୍ତ ଋତୁ
ହୋଇଅଛି ଉଭା ମଳୟ ବିନ୍ଦୁ।

## ବସନ୍ତାନୁଭୂତି

**ସଂଜୟ କୁମାର ପ୍ରଧାନ**

ଫୁଲ ସବାରୀରେ ଆସେ ଋତୁରାଣୀ
ମହକି ଉଠୁଛି ମହୀ
ମଧୂପ ଗାଆନ୍ତି ଗୁଣୁ ଗୁଣୁ ଗୀତ
ବସନ୍ତର ଗାଥା ଗାଇ।

ବସନ୍ତ ପରଶେ ମଳୟ ବରଷେ
ନବ ପଲ୍ଲବୀତ ତରୁ
ନାନାଜାତି ପୁଷ୍ପେ ସୁସଜ୍ଜିତ ହୁଏ
ହସି ଉଠେ ଶୁଷ୍କ ମରୁ।

ବାସ୍ନାହୀନ ସିନା ପଳାଶ ପୁଷ୍ପଟି
ରଙ୍ଗ ପ୍ରୀତି ଗୀତ ଗାଏ
ରୂପରାଣୀ ସାଜି ଖିଲି ଖିଲି ହସେ
ଭ୍ରମରର ମନ ମୋହେ।

ଶିମିଳି ପଳାଶ ମନ୍ଦାର ଟଗର
କୃଷ୍ଣଚୂଡ଼ା ରଙ୍ଗ କେତେ ମନୋହର
ପୁଣି ବହେ ଦକ୍ଷିଣର ମଳୟ ସମୀରଣ
ଖେଳଇ ପ୍ରୀତିର ଢ଼େଉରେ
ସବୁଜାଙ୍କ ଯହିରେ।

ଆମ୍ବ ବଉଳେ କୋଇଲିର ତାନ
ବସନ୍ତ କରାଏ ଉନ୍ମାଦିତ ମନ
ସବୁଜ ଶାଢ଼ିରେ ଆନନ କାନନ
ଧରଣୀ ରାଣୀର ପ୍ରୀତିଶୁଦ୍ଧା ମନ।

+୩ ତୃତୀୟ ବର୍ଷ ଛାତ୍ର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ।

## ବସନ୍ତର ଆଗମନ

**ଚର୍ଚ୍ଚିତା ସାହୁ**

ଫଗୁଣ ବସିଛି ଚାହିଁ
ବସନ୍ତର ଆଗମନ ପାଇଁ
ପାଞ୍ଚଋତୁ ଚାଲିଗଲେ
ହେଲେ, ବସନ୍ତ ଆସିଲେ ନାହିଁ।

ଝାଡ଼ିଦେଲେ ପତ୍ରସବୁ
ବୃକ୍ଷଲତା ଯେତେଥିଲେ
ନୂତନ ପରଶ ଦେଇ
ନୂଆ ପତ୍ର କଅଁଳିଲେ।

ଫୁଲସବୁ ଫୁଟିବାକୁ ସଜବାଜ ହେଲେ
ଆକାଶରେ ମେଘମାଳ
ଲୁଚି ଲୁଚି ଗଲେ।

ନୀଳ ଆକାଶରେ ପକ୍ଷୀମାନେ
ଚକର କାଟିଲେ
ସବୁଜିମା ଧରାଦେଲେ ଧରଣୀର କୂଳେ
ଆକାଶରେ ତାରା ପୁଞ୍ଜ
ଗୋଟି ଗୋଟି ହୋଇ
ମିଞ୍ଜି ମିଞ୍ଜି ଚାହିଁଥାନ୍ତି ବସନ୍ତ ଆସିବାପାଇଁ।

ମଳୟ ବହେ ଘନଘନ
ସୁଗନ୍ଧିତ ହୋଇ
ଭ୍ରମର ମଧୁସଂଗ୍ରହ କରେ
ଲୁଚେଇ ଲୁଚେଇ।

ସମୟର ଚକ ଘୁରେ ହୋଇ ଘିରିଘିରି
ଆସିଛନ୍ତି ବସନ୍ତ ଯେ ଲେଉଟିଣ ଫେରି ।

ପଳାଶ ସଙ୍ଗେ କୃଷ୍ଣଚୂଡ଼ା ଦିଶେ ମନୋହର
ଆମ୍ବ ବଉଳଇ ଦିଶେ ସବୁଜିମା ଭରା
ବହୁ ଆନନ୍ଦରେ ପଲ୍ଲୀପୁରବାସୀ
ଫଗୁ ରଙ୍ଗ ଖେଳି ଖେଳି
ବାଣ୍ଟନ୍ତି ଯେ ଖୁସି।

+୩ ତୃତୀୟ ବର୍ଷ କଳାର ଛାତ୍ରୀ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର

## ବସନ୍ତ ଉତ୍ସବ

**ଅଭୀପ୍ସା ନାୟକ**

ବସନ୍ତ ଉତ୍ସବ ଆସିଲାରେ ଭାଇ
ବସନ୍ତ ଉତ୍ସବ ଆସିଲା।
ଗାଁ ଗଣ୍ଡାଠାରୁ ସହର ପର୍ଯ୍ୟନ୍ତ
ବସନ୍ତ ବସନ୍ତ ବାସିଲା।

ଏବେ ଋତୁରାଜାଙ୍କର ରୂପ ସମ୍ଭାର
ଏବେ ଫୁଲର ତନୁରେ ଭରେ ଶୃଙ୍ଗାର
ଏବେ ମଳୟ ତୋଳୁଛି ଖୁସି ମଲ୍ଲାର
ଏତ ବସନ୍ତ ଋତୁର ଶୁଭ ସମାଚାର।

ସବୁଦିନ ହେଉ ଫଗୁଣର ଦିନ
ସବୁରାତି ଆଣୁ ପ୍ରୀତିର ସ୍ୱନ୍ଦନ
ସବୁ ଜୀବନରେ ଭରୁ ଇନ୍ଦ୍ରଧନୁର
ସପ୍ତ ରଙ୍ଗର ସୁନେଲୀ ସପନ।

ଗଛେ କଅଁଳିଲା ନୂଆ କଳି,
ନୂଆ ପତ୍ର ଖେଳେ ଡାଳରେ ଦୋଳି
ଧୂପରେ ତାପ ନୁହେଁ, ମଧୁ ଝରେ,
ପବନ ମଧୁର ସୁରେ ଗାନ ପରେ।
ଗଛେ ଫୁଟେ ଫୁଲ ଶୋଭା ପ୍ରକାଶ
କୁହୁ ତାନ ଛୁଏଁ ସାରା ଆକାଶ ।
ବସନ୍ତ ଉତ୍ସବ ନୁହେଁ କେବଳ ଋତୁ,
ଏ ହେଉଛି ଜୀବନର ଅନୁସ୍ମୃତି ।

## ବସନ୍ତ

**ବନ୍ଦିତା ରାଉଳ**

ବସନ୍ତର ଆଗମନ କେତେ ସୁନ୍ଦର
କୋଇଲିର ସ୍ୱର ଶୁଭେ କେତେ ମଧୁର
ବସନ୍ତ ଋତୁରେ ହୋଇଥାଏ ଆମ୍ବ ବଉଳ
ଚାରିଦିଗେ ମହକାଇ ଦିଏ ତାର ମଧୁର

ବସନ୍ତ ଋତୁଟି କେଡ଼େ ସୁନ୍ଦର
ଚାରିଆଡ଼େ ଦିଶେ ସବୁଜମୟ
ଗଛଡାଳେ ଶୁଭୁଅଛି କୁହୁକୁହୁ ତାନ
ଫେରିଲାଣି କୋକିଳର ମିଠା ମଧୁ ଗାନ

ମଧୁପକ୍ଷୀ ଉଡ଼ିବୁଲେ ଗୁଣୁଗୁଣୁ ହୋଇ
ଏ ଫୁଲରୁ ସେ ଫୁଲ ଯାଏ ଛୁଇଁ ଛୁଇଁ
ନଦୀ, ନାଳ, ପାହାଡ଼, ପର୍ବତରେ
ଫୁଲ ଫୁଟିଥାଏ ଅନେକ ରଙ୍ଗରେ

ସମୟର ଚକ୍ର ଘୁରି ଘୁରି ପୁଣି
ଆସିଅଛି ବସନ୍ତ ଋତୁ ନେଇ ଲେଉଟାଣି
ଶୀତ ପରେ ଆସିଥାଏ ଋତୁର ଏ ରାଜା
ଲୋକଙ୍କ ପାଇଁ ସେ ହୁଏ
ଆନନ୍ଦର ହେତୁ ।

# ନିଆଳୀର ଶତାଧିକ ବିଜେଡି କର୍ମୀ ବିଜେଡି ଛାଡ଼ି ବିଜେପିରେ ଯୋଗଦେଲେ

ଭୁବନେଶ୍ୱର, ୨୪/୦୪ : ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ବିଜେଡି ଉପରୁ ଦଳୀୟ କର୍ମୀ ଓ ନେତାଙ୍କ ଆସ୍ଥା ହ୍ରାସ ପାଇଚାଲିଛି । ବିଜେଡି ଉପରୁ ଆସ୍ଥା ହରାଇ ଶତାଧିକ ବ୍ୟକ୍ତି ବିଜେପିକୁ ଅନୁପ୍ରାଣିତ କରି ଆଜି ନିଆଳୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ବିଭିନ୍ନ ପଂଚାୟତର ସରପଂଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଓ ବରିଷ୍ଠ ନେତା ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ନିଆଳୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ନିଭରଣ ପଂଚାୟତ ସରପଂଚ ମାନସ ରଞ୍ଜନ ସ୍ୱାଇଁ; ସମିତି ସଭ୍ୟ କାଳନ୍ଦୀ ପୃଷ୍ଟି; ନାୟବ ସରପଂଚ ପରେଶ ପରିଡା; ପୂର୍ବତନ ସମିତି ସଭ୍ୟ ତୋଫାନ କାଣ୍ଡି; ୱାର୍ଡ ମେମ୍ବର ଅଭିମନ୍ୟୁ ବାରିକ, କାଳନ୍ଦୀ ମଲ୍ଲିକ, ଧୁଶାସନ ପରିଡା, ଅଭିମନ୍ୟୁ ମହାରଣା, ସୁରେଶ ପୋଲାଇ, ଲକ୍ଷ୍ମୀଧର ବିଶ୍ୱାଳ, ଦିପକ ପରିଡା; ବରିଷ୍ଠ କର୍ମୀ ଲମ୍ବୋଧର ନାୟକ, ମାନସ ପରିଡା, ତ୍ରିଲୋଚନ ପରିଡା, ପାଣ୍ଡବ ବେହେରା, ବସନ୍ତ ସ୍ୱାଇଁ, ଶରତ ମହାନ୍ତି, ବୈଷ୍ଣବ ବାରିକ, ସନାତନ ମହାନ୍ତି, ଅଭୟ ମହାନ୍ତି, ଟୁକୁନା ସାହୁ, ଧରଣୀ ସ୍ୱାଇଁ, ନିକୁଳ ପରିଡା, ଦିଲିପ ପୋଲାଇ, ମାନସ ବାରିକ, କୈଳାଶ ବାରିକ, ଧନୁ ପୋଲାଇ, ରମେଶ ବିଶ୍ୱାଳ, ବିଷ୍ଣୁ ମୁଦୁଲି, ନାରାୟଣ ପରିଡା, ପ୍ରତାପ କାଣ୍ଡି, ମନୋଜ ସ୍ୱାଇଁ, ସଦାଶିବ ନାୟକ, କୈଳାଶ ସ୍ୱାଇଁ, ତ୍ରିନାଥ ନାୟକ, ଲକ୍ଷ୍ମୀଧର ନାୟକ, ଲମ୍ବୋଧର ପରିଡା, ସମ୍ପଦ ପରିଡା, ଟୁନା ପରିଡା, ଭାଗ୍ୟଧର ଦିକ୍ଷିତ, ବିଷ୍ଣୁ ଦିକ୍ଷିତ, କିଶୋର ଦିକ୍ଷିତ, ସୌରଭ ନାୟକ, କୁଞ୍ଜ ପରିଡା, ସପ୍ନେଶ୍ୱର ଜେନା, ସୁଦାମ ରାଉତ, ଶତ୍ରୁଘ୍ନ ରାଉତ, ସୁରେନ୍ଦ୍ର ସ୍ୱାଇଁ, ଲିକୁ ସ୍ୱାଇଁ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କୃଷ୍ଣପ୍ରସାଦ ପଂଚାୟତ ସରପଂଚ ଜ୍ୟୋତ୍ସ୍ନା ବାଳା ଭୋଇ; ନାୟବ ସରପଂଚ ଦେବେନ୍ଦ୍ର ପ୍ରଧାନ; ସରପଂଚ ପ୍ରତିନିଧି ପ୍ରମୋଦ କୁମାର ଭୋଇ; ୱାର୍ଡ ମେମ୍ବର ବୃନ୍ଦାବନ ମୁଦୁଲି, ସମୀର କୁମାର ପରିଜା, ହେମନ୍ତ ଚନ୍ଦ୍ର ବେହେରା, ନରେନ୍ଦ୍ର ଗୋଛାୟତ, ଅଶୋକ ମହାରଣା, ନିତ୍ୟାନନ୍ଦ ବାରିକ, ପବିତ୍ର ବେହେରା, ସଞ୍ଜୟ ଭୋଇ, ଡମ୍ବୁରଧର ରାୟ, ଭ୍ରମର ସେଠୀ; ବରିଷ୍ଠ କର୍ମୀ ଯୁବ ବିଜେଡି ସଭାପତି ଶିବ ସୁନ୍ଦର ପଣ୍ଡା, ପ୍ରକାଶ ପ୍ରଧାନ, ସୁରେନ୍ଦ୍ର ସାହୁ, ରୋହିତ କୁମାର ସାହୁ, ରଶ୍ମୀ ରଞ୍ଜନ ପ୍ରଧାନ, ସତ୍ୟ ନାରାୟଣ ମିଶ୍ର, ଚିତ ରଞ୍ଜନ ଭୋଇ, ଅମରେଶ୍ୱର ଭୋଇ, ଧବଳେଶ୍ୱର ଭୋଇ, ଶିଶିର କୁମାର ମହାରଣା, ଅକ୍ଷୟ ନାୟକ, କାର୍ତ୍ତିକ ବାରିକ ପ୍ରମୁଖ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ବିନିଶପୁର ପଂଚାୟତ ସରପଂଚ ବବୁଲ ଦାସ; ନାୟବ ସରପଂଚ ନାରାୟଣ ଲେଙ୍କା; ୱାର୍ଡ ମେମ୍ବର ଜୟନ୍ତ ଭୋଇ, ପବିତ୍ର ମୋହନ ଖୁଂଟିଆ, ସରତ ସେଠୀ, ପ୍ରକାଶ ବେହେରା, ଗୁଣନିଧି ସାହୁ; ବରିଷ୍ଠ କର୍ମୀ ନିମାଇଁ ଚରଣ ସାହୁ, କୁଷା ବେହେରା, ବାବନ ମାଣିକ, ବେନୁ ଦାସ, ପ୍ରତାପ ଭୋଇ, କାଳନ୍ଦୀ ଭୋଇ, ଆଲୋକ ଦାସ, ସୁନାକର ବେହେରା, ଭୀମସେନ ଭୋଇ, ପ୍ରକାଶ ପାଲ, ଦୀପୁ ଭୋଇ, ସରୋଜ ପୃଷ୍ଟୀ, ଦିଲ୍ଲିପ ଭୋଇ, ଶିବ ଖୁଂଟିଆ, ଜୟଦେବ ମାଣିକ, କାର୍ତିକ ପ୍ରଧାନ, ଅର୍ଜୁନ ଭୋଇ, ବନମାଳି ଭୋଇ, ସୁମନ ସିଂ, ପରେଶ ଖୁଂଟିଆ, ବେଣୁଧର ଭୋଇଙ୍କ ସମେତ ଶତାଧିକ କର୍ମୀ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ନିଆଳୀ ବିଧାୟକ ଛବି ମଲ୍ଲିକ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ପ୍ରବକ୍ତା ବ୍ରଜକିଶୋର ମିଶ୍ର, ନିଆଳୀ ବ୍ଲକ ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ମାଧବ ମଣ୍ଡଳ ସଭାପତି ଶାନ୍ତନୁ କୁମାର ଦାସ, ପୂର୍ବତନ ମଣ୍ଡଳ ସଭାପତି ପତିତପାବନ ବେହେରା, ବରିଷ୍ଠ କାର୍ଯ୍ୟକର୍ତା ଆଦିତ୍ୟ ପାଣି, ତିହୁଡି ପଂଚାୟତ ସମିତିସଭ୍ୟ ଶଶିକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ତ୍ତ ବିଭାଗର ବିଭାଗର ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୨୪/୪(ନି. ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ପୂର୍ତ ବିଭାଗର ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ’ର ଉନ୍ମୋଚନ କରିଛନ୍ତି। ଏହା ଦ୍ୱାରା ବିଭିନ୍ନ ଭିତିଭୂମି ପ୍ରକଳ୍ପ ଗୁଡିକର ବାସ୍ତବ ସମୟରେ ତଦାରଖ କରାଯାଇ ପାରିବ ଏବଂ ପ୍ରକଳ୍ପ ଗୁଡିକ ନିର୍ଭୁଲ ଭାବରେ କାର୍ଯ୍ୟକାରୀ ହେବା ସହିତ ଏଥିରେ ଅଧିକ ଦକ୍ଷତା ଆସି ପାରିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଯେଉଁ ମନିଟରିଂ ସିଷ୍ଟମ ଥିଲା, ସେଥିରେ ସୂଚନା ଗୁଡିକ ଠିକ୍ ଭାବେ ଆସି ପାରୁନଥିଲା, କାର୍ଯ୍ୟର ଅଗ୍ରଗତି ମନ୍ଥର ହେଉଥିଲା ଏବଂ ତା’ସହିତ ନିଷ୍ପତି ନେବାରେ ମଧ ବିଳମ୍ବ ହେଉଥିଲା। ଏହି ଉନ୍ନତ ଜିଆଇଏସ ଡ୍ୟାସବୋର୍ଡ ମାଧମରେ ସମସ୍ତ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ସାର୍ବଜନୀନ ସମ୍ପତି ଏବଂ ଚାଲୁରହିଥିବା ପ୍ରକଳ୍ପଗୁଡ଼ିକର ସଦ୍ୟ ଚିତ୍ର ଦେଖିହେବ। ଜିଲ୍ଲା ଏବଂ ବ୍ଲକସ୍ତରରେ ଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ମଧ ସବିଶେଷ ତଥ୍ୟ ଜାଣିହେବ। ଏହା ସହିତ ଏହିସବୁ ପ୍ରକଳ୍ପ ଗୁଡିକ ପାଇଁ ସଠିକ୍ ସ୍ଥାନ ନିରୂପଣ କରିବାକୁ ରାସ୍ତା ଏବଂ ସାଟେଲାଇଟ୍ ମ୍ୟାପ୍ ମଧ ଦେଖିହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ ଏହି ବ୍ୟବସ୍ଥାରେ ଅଧିକ ଆର୍ଥିକ ସ୍ୱଚ୍ଛତା ଆସିପାରିବ ବୋଲି ସେ କହିଥିଲେ। ଡ୍ୟାସ୍ ବୋର୍ଡରେ ଥିବା ଇସ୍ୟୁ ଟ୍ରାକର ବ୍ୟବସ୍ଥା ଦ୍ୱାରା ପ୍ରକଳ୍ପ ଗୁଡ଼ିକର ଜମି ଅଧିଗ୍ରହଣ ସମସ୍ୟା, ଜଙ୍ଗଲ ଜମି ସମସ୍ୟା ଏବଂ ଜବରଦଖଲ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ସଠିକ୍ ତଦାରଖ କରାଯାଇପାରିବ। ଲାଇଭ୍ ପ୍ରୋଜେକ୍ଟ ଟ୍ରାକିଂ, ଆର୍ଥିକ ତଦାରଖ, ସକ୍ରିୟ ବିପଦ ସତର୍କତା ଏବଂ କାର୍ଯ୍ୟଦକ୍ଷତା ନିରୀକ୍ଷଣ ସୁବିଧା ଦ୍ୱାରା ପ୍ରକଳ୍ପକୁ ନେଇ ନିଷ୍ପତି ଗ୍ରହଣ କରିବା ଆହୁରି ସହଜ ହେବ। ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡକୁ ଆହୁରି ବ୍ୟାପକ କରି ଅନ୍ୟ ବିଭାଗଗୁଡ଼ିକ ଦ୍ୱାରା ବ୍ୟବହାର ଉପଯୋଗୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଓଡ଼ିଶାର ଭିତିଭୂମି ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା ଦୃଢ଼ୀଭୁତ ହେବ ଏବଂ ସମୃଦ୍ଧ ଓଡ଼ିଶା ନିର୍ମାଣର ଲକ୍ଷ୍ୟ ଆହୁରି ତ୍ୱରାନ୍ୱିତ ହେବ।

ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମନ୍ତ୍ରୀ ମଣ୍ଡଳର ଅନ୍ୟ ସଦସ୍ୟ ଗଣ ଉପସ୍ଥିତ ଥିଲେ। ଏହା ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ।

## ଆତଙ୍କବାଦୀଙ୍କୁ କୌଣସି ପରିସ୍ଥିତିରେ ଛଡା ଯିବନି : ମନମୋହନ ସାମଲ

ଭୁବନେଶ୍ୱର୨୪/୪(ନି. ପ୍ର): ଜମ୍ମୁ କାଶ୍ମୀରର ପହେଲଗାଁରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖି କହିଛନ୍ତି ଆତଙ୍କବାଦୀଙ୍କୁ କୌଣସି ପରିସ୍ଥିତିରେ ଛଡା ଯିବ ନାହିଁ। ଆତଙ୍କବାଦୀଙ୍କ ଏଭଳି ବର୍ବରତାର କାଣ୍ଡର କ୍ଷମା ନାହିଁ। ଆତଙ୍କବାଦୀ ଲଢ଼େଇରେ ଓଡ଼ିଶା କେନ୍ଦ୍ର ସରକାରଙ୍କ ସହିତ ଅଛି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ପହେଲଗାଁରେ ଆତଙ୍କବାଦୀ ଆକ୍ରମଣ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ତାକୁ ଯେତେ ନିନ୍ଦା କଲେ ମଧ କମ ହେବ। କେନ୍ଦ୍ର ସରକାର କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା କରିଥିବା ବେଳେ ଆତଙ୍କବାଦୀଙ୍କ ଏଭଳି ବର୍ବରତାର କାଣ୍ଡର କ୍ଷମା ନାହିଁ।

# ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ ଦେଶକୁ ନୂଆ ଦିଶା ଦେଖାଇବ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪/୦୪: ‘ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ’ କେବଳ ନିର୍ବାଚନ ଖର୍ଚ୍ଚ ଏବଂ ଆଚାର ସଂହିତା ବିଷୟରେ ସୀମିତ ହୋଇ ରହିନାହିଁ ବରଂ ଏହା ଦେଶର ରାଜନୈତିକ ସ୍ଥିରତା, ସୁଶାସନ ଏବଂ ବିକାଶର ନୂଆ ଦିଶା ଦେଖାଇବାର ମାଧମ ଅଟେ ବୋଲି ବୁଧବାର ନୂଆଦିଲ୍ଲୀ ସ୍ଥିତ ଡା. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ ’ୱାନ୍ ନେସନ୍ - ୱାନ୍ ଇଲେକ୍ସନ’ ବିଷୟ ଉପରେ ଆୟୋଜିତ କର୍ମଶାଳାରେ ଦେଶର ଯୁବବର୍ଗଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ବିଷୟ ଏବେ ଆଇନ ଏବଂ ରାଜନୈତିକ ଚର୍ଚ୍ଚା ପରିସରରୁ ବାହାରି ଦେଶର ପ୍ରମୁଖ ଏଜେଣ୍ଡାର ଅଂଶବିଶେଷ ହୋଇଛି । କିଛି ବି ବଡ ରାଜନୈତିକ ନିଷ୍ପତିକୁ ନିର୍ଣ୍ଣାୟକ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ନୀତି, ଯୋଜନା, ରାଜନୀତି ଏବଂ ସବୁଠୁ ମହତ୍ୱପୂର୍ଣ୍ଣ – ଜନଭାଗିଦାରୀ ଆବଶ୍ୟକ । ଏହି ଭାବନା ସହ ଆଜି ଆମେ ଏହି କର୍ମଶାଳାରେ ଏକାଠି ହୋଇଛୁ । ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ କହୁଛନ୍ତି, ଏହି ସମୟ ହିଁ, ଭାରତର ସମୟ । ସେହି ବିଷୟକୁ ନେଇ ବିରୋଧୀଙ୍କ ନକରାତ୍ମକ ଟିପ୍ପଣୀ ଦୁର୍ଭାଗ୍ୟପୂର୍ଣ୍ଣ । ସେମାନଙ୍କ ଏହି ମନ୍ତବ୍ୟ କେବଳ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ ବରଂ ଜନାଦେଶକୁ ମଧ ହତାଦର କରୁଛି। ବିରୋଧୀଙ୍କ ଏହି ନକରାତ୍ମକ ରାଜନୀତି ଦୁର୍ଭାଗ୍ୟଜନକ। ସମ୍ବିଧାନର କଥା କହୁଥିବା ଲୋକମାନେ ସମ୍ବିଧାନକୁ ସବୁଠୁ ଅଧିକ କ୍ଷତି ପହଞ୍ଚାଉଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ୧୯୬୭ ପରେ ଯେତେବେଳେ ଲୋକଙ୍କର ଆକାଂକ୍ଷାଗୁଡିକୁ ଉପେକ୍ଷା କରାଗଲା, ସେତେବେଳେ କଂଗ୍ରେସ ଜୋଡତୋଡ୍ ରାଜନୀତିକୁ ଆଗକୁ ବଢାଇବାରେ ସହାୟକ ହୋଇଥିଲା। ଆଜି ସାମାନ୍ତବାଦୀ ଚିନ୍ତାଧାରାରେ ଗ୍ରସିତ ଏହି ଲୋକମାନେ ତୃତୀୟ ଥର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାରକୁ ଜନତାଙ୍କ ଦ୍ୱାରା ମିଳିଥିବା ଜନାଦେଶକୁ ସ୍ୱୀକାର କରିପାରୁନାହାନ୍ତି । ଆଜିର ସମୟ ହୋଇଛି, ଗଣତନ୍ତ୍ର ବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନକୁ ଜନ ଅଭିଯାନ, ଜନସମ୍ବାଦ ଏବଂ ଜନ ଆନ୍ଦୋଳନରେ ପରିଣତ କରିବା । ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ବିକଶିତ ଭାରତ କଳ୍ପନାର ଆଧାରଶୀଳା, ଯାହା ସଶକ୍ତ ଏବଂ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ।

## ରାଜ୍ୟରେ ରୌଦ୍ରତାପଜନିତ ଅସୁସ୍ଥ ୬୬ ଜଣ

ଭୁବନେଶ୍ୱର୨୪/୪(ନି. ପ୍ର): ରାଜ୍ୟରେ ଏ ଯାଏଁ ହିଟ ଷ୍ଟ୍ରୋକ ରୋଗୀ କେହି ନାହାନ୍ତି କି ମୃତ୍ୟୁ ହୋଇନି ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର । ସେ କହିଛନ୍ତି ଯେ, ୬୬ ଜଣ ରୌଦ୍ରତାପଜନିତ ଅସୁସ୍ଥତା ଯୋଗୁଁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହୋଇ ଫେରିଛନ୍ତି । ଟିଟିଲାଗଡ଼ର ଜଣଙ୍କ ମୃତ୍ୟୁ ନେଇ ଖବର ଆସିଥିଲା । ମାତ୍ର ଯୁଗ୍ମ ତଦନ୍ତରୁ ଜଣାପଡିଲା ଯେ ସେ ହାର୍ଟ ଆଟାକରେ ମରିଛନ୍ତି। ଗ୍ରୀଷ୍ମ ପ୍ରବାହ ନେଇ ଲୋକଙ୍କୁ ସତର୍କ କରାଯାଉଛି । ସ୍କୁଲ ବନ୍ଦ ହୋଇଛି । ଛତା ନେଇ ବାହାରକୁ ଯିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଏହାସହିତ ସକାଳ ୧୦ ରୁ ୩ ଯାଏଁ ଘରୁ ବାହାରନ୍ତୁ ନାହିଁ । ଗୁରୁତର ରୋଗୀଙ୍କ ଅଧିକ ଯତ୍ନ ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଅଂଶୁଘାତ ପାଇଁ ଜିଲ୍ଲାସ୍ତରୀୟ ହସ୍ପିଟାଲରେ ୬ ଟି, ସବଡ଼ିଭିଜନ ସ୍ତରୀୟ ମେଡିକାଲରେ ୪ ଟି ସିଏଚସିରେ ୨ ଟି ବେଡ଼ ପ୍ରସ୍ତୁତ ରଖାଯାଇଛି ।

# ବିଏମ୍‌ସି ପକ୍ଷରୁ ଖାଦ୍ୟ ଯାଞ୍ଚ ଅଭିଯାନ

ଭୁବନେଶ୍ୱର,୨୪/୪(ନି. ପ୍ର): ବିଏମ୍‌ସି ପକ୍ଷରୁ ଖାଦ୍ୟ ଯାଞ୍ଚ ଅଭିଯାନ ଆରାମ୍ଭ ହୋଇଛି । ଗ୍ରୀଷ୍ମ ଋତୁରେ ସାଧାରଣତଃ ପାନୀୟ ଜଳ ଏବଂ ଥଣ୍ଡା ଖାଦ୍ୟ ଇତ୍ୟାଦିରେ ଲୋକମାନଙ୍କର ଆଗ୍ରହ ଜନିତ ଖାଦ୍ୟର ବିକ୍ରି ବଢୁଥିବା ଲକ୍ଷ୍ୟ କରାଯାଉଛି । ବିଶେଷ କରି ଖାଦ୍ୟର ସଂକ୍ରମଣ ହେତୁ ବିଭିନ୍ନ ପ୍ରକାର ଜଳବାହିତ ରୋଗ ଯାହାକି ଜଣ୍ଡିସ, ତରଳ ଝାଡା ଇତ୍ୟାଦି ହୋଇପାରେ । ତେଣୁ ଏ ଦିଗରେ ଜନ ସଚେତନତା ସହିତ ଖାଦ୍ୟ ଦ୍ରବ୍ୟ ବିକ୍ରୟକାରୀଙ୍କୁ ସଚେତନ କରାଯାଇଛି । ଏହି ଉପଲକ୍ଷେ ଆଜି ନିଳାଦ୍ରୀ ବିହାର ଅଂଚଳରେ ଥିବା କେୟାର ହସପିଟାଲ ନିକଟସ୍ଥ ଖାଦ୍ୟ ଦୋକାନଗୁଡିକରେ ପରିମଳ ଜନିତ ତନଖି କରାଯାଇଥିଲା । ଟିମ୍ ସାଇନ୍ ଏବଂ ଫୁଡ ସ୍କାର୍ଡର ସଦସ୍ୟମାନେ ବିଭିନ୍ନ ଖାଦ୍ୟ ଦୋକାନକୁ ଯାଇ ହଠାତ ଯାଞ୍ଚ କାର୍ଯ୍ୟ କରିଥିଲେ । ଟିମ୍ ସାଇନ ପରିମଳ ଏବଂ ଏକକ ବ୍ୟବହାର ପ୍ଲାଷ୍ଟିକ ବାବଦରେ ନିରୀକ୍ଷଣ କରିଥିଲେ । ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ହକର, ଦହିବରା ଠେଲା ଇତ୍ୟାଦିଙ୍କର ଖାଦ୍ୟ ପଦାର୍ଥ ଯାଞ୍ଚ କରାଯାଇଥିଲା । ଅପରିଷ୍କାର ପରିବେଶରେ ଅସ୍ୱାସ୍ଥ୍ୟକର ଏବଂ ବାସୀ ଖାଦ୍ୟଦ୍ରବ୍ୟ ବିକ୍ରି କରୁଥିବା ଦୋକାନୀମାନଙ୍କୁ ତାଗିଦ କରିବା ସହ ୪୦-୮୦ କେଜି ଖାଦ୍ୟ ନଷ୍ଟ କରାଯାଇଥିଲା । ଅସ୍ୱାସ୍ଥ୍ୟକର ଖାଦ୍ୟଦ୍ରବ୍ୟ ବିକ୍ରି କରୁଥିବା ୫ ଜଣ ଦୋକାନୀଙ୍କଠାରୁ ୧୩ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ଆଉ କିଛି ଦୋକାନୀଙ୍କୁ ନୋଟିସ ଜାରି କରାଯାଇଛି । ପରିଷ୍କାର ପରିବେଶ ମଧ୍ୟରେ ସୁଷମ ଏବଂ ପୁଷ୍ଟିକର ଖାଦ୍ୟ ବିକ୍ରି କରିବା ପାଇଁ ସମସ୍ତଙ୍କୁ ତାଗିଦ କରାଯାଇଛି । ସୂଚନାଯୋଗ୍ୟ କି ଏହି ଯାଞ୍ଚ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ଅଂଚଳରେ ଜାରି ରହିବ । ସଂପୃକ୍ତ ବ୍ୟବସାୟୀମାନେ ନିରାପଦ ଖାଦ୍ୟ ପାନୀୟକୁ ଗୁରୁତ୍ୱ ଦେବାକୁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି ।

## ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅଣଛାତ୍ରଙ୍କୁ ବିଦା କରିବାକୁ ଏବିଭିପିର ଦାବି

ଭୁବନେଶ୍ୱର,୨୪/୪(ନି. ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ରୁ ଅଣଛାତ୍ରଙ୍କୁ ବିଦା କରିବା ଓ ଏବଂ ନିଶା କାରବାରରେ ଅଣଛାତ୍ର ମାନଙ୍କର ସମ୍ପୃକ୍ତିକୁ ମୂଳପୂଛ କରିବା ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପୋଲିସ କମିସନର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭେଟି ଲିଖିତ ଆକାରରେ ସ୍ଥାୟୀ ସମାଧାନ ପାଇଁ ଦାବିପତ୍ର ଦେଇଛି । ଏବିଭିପି ରାଷ୍ଟ୍ର କାର୍ଯ୍ୟ କାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର ୨୪ଘଂଟା ଭିତରେ ସ୍ଥାୟୀ ସମାଧାନ ନହେଲେ ବିଶ୍ୱବିଦ୍ୟାଳୟ ଆଗରେ ଅନସନରେ ବସିବାକୁ ଚେତାବନୀ ଦେଇଛନ୍ତି ।

# ପାହାଲଗାମ ଆତଙ୍କବାଦୀ ଆକ୍ରମଣ ବିରୋଧରେ ଏବିଭିପିର ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର,୨୪/୪(ନି. ପ୍ର): ଜମ୍ମୁ ଓ କାଶ୍ମୀରର ପାହଲଗାମ ଠାରେ ହୋଇଥିବା ଆତଙ୍କବାଦୀଙ୍କ ବର୍ବର ଆକ୍ରମଣକୁ ଦୃଢ଼ ନିନ୍ଦା କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭୁବନେଶ୍ୱର ମହାନଗର ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୨୨ ତାରିଖରେ କାଶ୍ମୀରର ପହଲଗାମ ଠାରେ ନୀରିହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ହେବା ଏବଂ ଆକ୍ରମଣରେ ୨୭ ଜଣ ପର୍ଯ୍ୟଟକମାନଙ୍କ ଦେହାନ୍ତ ଅତ୍ୟନ୍ତ ଦୁଃଖଦ ଏବଂ ନିନ୍ଦନୀୟ ଘଟଣା। ଧର୍ମକୁ ଆକ୍ଷେପ କରି ହିନ୍ଦୁ ପର୍ଯ୍ୟଟକ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ବର୍ବୋରଚିତ ଏବଂ ଘୃଣ୍ୟ। ଏହି ବର୍ବରତାକୁ ବିଦ୍ୟାର୍ଥୀ ପରିଷଦ ତରଫରୁ ଦୃଢ଼ ନିନ୍ଦା କରାଯିବା ସହ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି ଏବଂ ଭାରତ ସରକାରଙ୍କ ତରଫରୁ କଟ୍ଟରପନ୍ଥୀ ଆତଙ୍କବାଦୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟନୁଷ୍ଠାନ ଦାବିରେ ଏବିଭିପି ଭୁବନେଶ୍ୱର ତରଫରୁ ରାମ ମନ୍ଦିର ଠାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଦୀପ ଦାନ କରାଯାଇଥିଲା । ଏହା ପରେ ରାମ ମନ୍ଦିର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପାକିସ୍ତାନ ପତାକା ପୋଡି କରାଯାଇଥିଲା । ଏହି ବିକ୍ଷୋଭ ପ୍ରଦର୍ଶନରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର, ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଭୁବନେଶ୍ୱର ପୂର୍ବ ଓ ଉତର ଜିଲ୍ଲା ସଂଗଠନ ସମ୍ପାଦକ ଅରିଜିତ ପଟ୍ଟନାୟକ, ରାଜ୍ୟ ସହ ସମ୍ପାଦକ ରାଜକୁମାର ମିଶ୍ର, ମହାନଗର ସହ ସମ୍ପାଦକ ଗଙ୍ଗାଧର ପାଢୀ , ରତିକାନ୍ତ ବାରିକ ସମେତ ଭୁବନେଶ୍ୱର ଅନେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ଜେଲରୁ ମୁକୁଳିବେ ଦାରା ସିଂ

ଭୁବନେଶ୍ୱର,୨୪/୪(ନି. ପ୍ର): ଜେଲରୁ ମୁକୁଳି ପାରନ୍ତି ଦାରା ସିଂ। ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡକୁ ପ୍ରସ୍ତାବ ପଠାଇଲା ଜେଲ ବିଭାଗ । ରାଜ୍ୟର ସମସ୍ତ ଜେଲର ୮୫ଜଣ ଆଜୀବନ ସଜା କାଟୁଥିବା କଏଦୀଙ୍କ ତାଲିକା ପଠାଯାଇଛି । ଯେଉଁଥିରେ ଦାରା ସିଂଙ୍କ ନାଁ ରହିଛି । ୨୫ ବର୍ଷ ହେବ କେଉଁଝର ଜେଲରେ ଆଜୀବନ ସଜା କାଟୁଛନ୍ତି ଦାରା ସିଂ । ୧୯୯୯ ଜାନୁଆରି ୩୧ତାରିଖରେ କେଉଁଝର ଜିଲ୍ଲା ମନୋହରପୁରରେ ଅଷ୍ଟ୍ରେଲିଆ ମିସନାରୀ ଗ୍ରାହମ ସଟ୍ଟେନସ ତାଙ୍କର ଦୁଇ ପୁଅକୁ ଗାଡ଼ିରେ ଶୋଇଥିବା ବେଳେ ପୋଡି ହତ୍ୟା କରିଥିଲେ। ସେହି ଘଟଣାରେ ଦାରା ସିଂ ଓ ତାଙ୍କର ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେହିପରି ନୟାପଲି ବହୁଚର୍ଚ୍ଚିତ ପତ୍ନୀହନ୍ତା ସ୍ୱାମୀ ସୋମନାଥ ପରିଡାଙ୍କ ନାଁ ସୁପାରିଶ ହୋଇଛି । ଜେଲ ଡିଜି ସୁନୀଲ ରାୟ ଏନେଇ ସୂଚନା ଦେଇଛନ୍ତି ।

# ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର୨୪/୪(ନି. ପ୍ର): ରାଉରକେଲାରେ ଆଦିବାସୀଙ୍କୁ ବୁଲଡୋଜର ଚଢାଇ ହତ୍ୟା ପ୍ରସଙ୍ଗରେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି। ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝୀ ଓ ଲେନିନ ମହାନ୍ତି କହିଛନ୍ତି ଆଦିବାସୀମାନେ ଶାନ୍ତିପୂର୍ଣ୍ଣ ବିରୋଧ କରୁଥିଲେ। ଏତୋ ଏକ୍କାଙ୍କୁ ପୋଲିସ ପ୍ରଶାସନ ଉପସ୍ଥିତିରେ ବୁଲଡୋଜର ଚଢାଇ ହତ୍ୟା କରାଗଲା। ସିଦ୍ୟୁଲ ଅଂଚଳରେ ଏକ୍ସପାନସନ କାମ ହେଲେ ଗ୍ରାମସଭା ହୁଏ। ଏହି ପ୍ରସ୍ତାବ ଗ୍ରାମସଭାରେ ପଡି ପାରିଥାନ୍ତା। ସିଦ୍ୟୁଲ ଅଞ୍ଚଳରେ ପେଶା ଆଇନ ମାନି ନାହାନ୍ତି।ବୁଲଡୋଜର ସରକାର ୟୁପିରେ ଚାଲିଛି ବୋଲି ଶୁଣାଯାଉଥିଲା। କିନ୍ତୁ ଓଡ଼ିଶାରେ ବିଜେପି ଆସିବା ପରେ ଏଠି ସେମିତି ହେଉଛି। ବିଜେପି ଗଣତାନ୍ତ୍ରିକ ବ୍ୟବସ୍ଥା ଆଧାରରେ ଲୋକଙ୍କ ସହ ଆଲୋଚନା କରି ବିକାଶମୂଳକ କାର୍ଯ୍ୟ ହୋଇପାରିବ। ବିଜେଡି ଏହି ଲଢ଼େଇକୁ ଆଗକୁ ନେବ। ନିରୀହ ଆଦିବାସୀଙ୍କୁ ହତ୍ୟା ଏକ କୋଲଡ଼ ବ୍ଲଡେଡ଼ ମର୍ଡର। କାଲି ଏସଟି କମିଶନ ଯାଇଥିଲା ବିଜେଡି ଓ ଆଜି ମାନବାଧିକାର କମିଶନ ଆସିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି କେଉଁଠି ବୁଲଡୋଜର ଚଢାଯାଇପାରିବ ନାହିଁ। ମାନବାଧିକାର ଆୟୋଗ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ବିଜେଡି ଏ ନେଇ ପିଟିସନ ଦାଖଲ କରିଛି। ଆୟୋଗ ଅତ୍ୟନ୍ତ କଡା ପଦକ୍ଷେପ ନେବେ ବୋଲି ଆଶା ପ୍ରକାଶ କରିଛି ବିଜେଡି।

# ବିଭିନ୍ନ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ

ଭୁବନେଶ୍ୱର୨୪/୪(ନି. ପ୍ର):- ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନସ୍ଥ ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏବଂ ଶକ୍ତି ବିଭାଗ ଅଧିନସ୍ଥ ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚପିସି) ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି। ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧ କୋଟି ୩୫ ଲକ୍ଷ ୭୮ ହଜାର ୫୦୨ ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି, ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ପକ୍ଷରୁ ୨୦୨୩-୨୪ ବର୍ଷର ଲାଭାଂଶ ଯୋଗୁଁ ୧୧୧ କୋଟି ୮୨ ଲକ୍ଷ ୪୮ ହଜାର ୭୦୦ ଟଙ୍କା ଏବଂ ଓଡ଼ିଶା ଜଳ ବିଦ୍ୟୁତ ନିଗମ ପକ୍ଷରୁ ୯୨ କୋଟି ୨୧ ଲକ୍ଷ ୯୧ ହଜାର ୯୧୧ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୫-୧୬ ବର୍ଷ ଠାରୁ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୧୯୯୫-୯୬ ଠାରୁ ଏହି ଲାଭାଂଶ ପ୍ରଦାନ କରୁଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ବାର୍ଷିକ ହାରାହାରି ୮୦୦ ରୁ ୯୦୦ କୋଟି ଟଙ୍କାର ସାର, କୃଷି ଯନ୍ତ୍ରପାତି, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଧାନବୁଣା ଯନ୍ତ୍ର ଇତ୍ୟାଦି ସରକାରଙ୍କ ଧାର୍ଯ୍ୟ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେଉଛି। ରାଜ୍ୟ କାଜୁ ଉନ୍ନୟନ ନିଗମର ପ୍ରଚେଷ୍ଟା ଯୋଗୁଁ ଓଡ଼ିଶା ବର୍ତମାନ ଦେଶରେ କାଜୁ ଉତ୍ପାଦନରେ ଓ କାଜୁ ଉଦ୍ୟାନର କ୍ଷେତ୍ରଫଳରେ ଦେଶରେ ସର୍ବଶ୍ରେଷ୍ଠ ହୋଇପାରିଛି। ଓଡ଼ିଶା ଜଳ ବିଦ୍ୟୁତ ନିଗମ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଓଡ଼ିଶାର ଶକ୍ତି ଆବଶ୍ୟକତାର ପ୍ରାୟ ୪୫ ପ୍ରତିଶତ ପ୍ରଦାନ କରି ରାଜ୍ୟର ଶକ୍ତି ଉତ୍ପାଦନ ଓ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ଲୋକସେବା ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ଅବସରରେ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏବଂ ଶକ୍ତି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ମୁଖ୍ୟମନ୍ତ୍ରୀଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ।

# ଜାରକା ଷ୍ଟେଟ ବ୍ୟାଙ୍କରେ ଗ୍ରାହକ ସେବା ବିପର୍ଯ୍ୟସ୍ତ ପ୍ରତିବାଦରେ ଧାରଣା ଚେତାବନୀ

ଧର୍ମଶାଳା,୨୪/୪(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ସ୍ଥିତ ଷ୍ଟେଟବ୍ୟାଙ୍କ ର ଗ୍ରାହକ ସେବା ବିପର୍ଯ୍ୟସ୍ତ ପ୍ରତିବାଦରେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେବାକୁ ଗ୍ରାହକ ସଂଘ ଚେତାବନୀ ଦେଇଛି । ଏନେଇ ସଙ୍ଘ ପକ୍ଷରୁ ବ୍ୟାଙ୍କ ଶାଖାର ପରିଚାଳିକା ଓ ଉପରସ୍ଥ ଅଧିକାରୀମାନଙ୍କୁ ଲିଖିତ ଆକାରରେ ଜଣାଯାଇଛି। ସାମାଜିକ କର୍ମୀ ଈଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଜାରକା ଠାରେ ଧର୍ମଶାଳା ଗ୍ରାହକ ସେବା ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଜାରକା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳିକାଙ୍କ ବ୍ୟବହାର କୁ ନେଇ ଆଲୋଚନା ହୋଇଥିଲା । ଗ୍ରାହକ ମାନେ ବ୍ୟାଙ୍କରେ କୌଣସି ଅଭିଯୋଗ କଲେ ତାଙ୍କୁ ଉତର ନ ଦେବା ଖରାପ ବ୍ୟବହାର କରିବା କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କ ଦ୍ୱାରା ମାଡ଼ ମାରି ଥାନାକୁ ପଠାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ବ୍ୟାଙ୍କର ଗ୍ରାହକଙ୍କ ଖାତା ରୁ ବେଆଇନ ଭାବରେ ପଇସା କାଟିବା, କେୱାଇସି କରିବା ନାମରେ ଅର୍ଥ ହରିଲୁଟ କରିବା, ମୁଦ୍ରା ଋଣ ସ୍କିମରେ ଗ୍ରାହାକ ମାନଙ୍କୁ ସମ୍ପୂର୍ଣ୍ଣ ପଇସା ନ ଦେଇ ସେମାନଙ୍କ ଠାରୁ ଇନସୁରାନ୍ସ ନାମରେ ବିନା ଅନୁମତିରେ ପଇସା କାଟିବା ଓ ସମୟ ପୂର୍ବରୁ ଜବର ଦସ୍ତ ପଇସା ଆଦାୟ କରିବା ଆଦି ଅନେକ ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ଟଙ୍କା ଅଧିକ ରଖିଥିବା ଗ୍ରାହକ ମାନଙ୍କୁ ଇନସୁରାନ୍ସ କହିବାକୁ ବାଧ କରାଯାଉଥିବା ଗ୍ରାହକ ନ ମାନିଲେ ବିଭିନ୍ନ ଆଳ ଦେଖାଇ ଏକାଉଣ୍ଟ ଅଚଳ କରିବା ସହିତ ବିଭିନ୍ନ ହଇରାଣ ହରକତ କରାଯାଉଥିବା ନେଇ ଆଲୋଚନା କରାଯାଇଥିଲା । ଏସମ୍ପର୍କରେ ଶାଖା ପରିଚାଳିକା ଏବଂ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇ ଦିଆଯାଇଥିବା ବେଳେ ୧୫ ଦିନ ମଧ୍ୟରେ ଏହାର ସମାଧାନ ପାଇଁ ଆଲୋଚନାକୁ ନଆସିଲେ ଗ୍ରାହକ ସେବା ସମିତି ପକ୍ଷରୁ ଆସନ୍ତା ୫ ତାରିଖ ରେ ଜାରକା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଗଣ ଧାରଣା ଦେବାକୁ ନିଷ୍ପତି କରାଯାଇଛି ।

# ନିର୍ମାଣ ଶ୍ରମିକ ମିଳିତ ସଂଘ କର୍ମକର୍ତ୍ତାଙ୍କ ଶପଥ ପାଠ

ଜୟପୁର,୨୪/୪(ନି. ପ୍ର): ନବ ନିର୍ବାଚିତ ଜୟପୁର ନିର୍ମାଣ ଶ୍ରମିକ ମିଳିତ ସଂଘ କର୍ମକର୍ତାଙ୍କ ଶପଥ ପାଠ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ନିର୍ବାଚନ ଅଧିକାରୀ ଆଇନଜୀବୀ ରାଜେନ୍ଦ୍ର କୁମାର ଗୌଡ଼ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ସଭାପତି -ବାଲା ରାୟ, କାର୍ଯ୍ୟକାରୀ ସଭାପତି -ପ୍ରବୀର କୁମାର ମହାନ୍ତି , ଉପସଭାପତି - ସଞ୍ଜୀବ ଶଗରିଆ ଓ ଲବ ସାହୁ , ସାଧାରଣ ସଂପାଦକ - ପ୍ରେମ ମୋହନ ବାଘ, ଯୁଗ୍ମ ସଂପାଦକ ସୁରେନ୍ଦ୍ର ନାଥ ସାହୁ, ସହ ସଂପାଦକ ପୀତବାସ ଖରା, କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ସାହୁ, ସହ କୋଷାଧକ୍ଷ ପତିରାମ୍ ଖରା, ଉପଦେଷ୍ଟା ଉମାକାନ୍ତ ସାହୁ, କାର୍ଯ୍ୟ କାରିଣୀ ସଭ୍ୟ ଭାବେ ଲକ୍ଷ୍ମଣ ନାୟକ, ସନ୍ତୋଷ କୁମାର ସାହୁ ,ଜଗା ହିଆଲ୍ , ରତୁପର୍ଣ୍ଣ ସାହୁ, ଟୁନା ସାହୁ, ଅର୍ଜୁନ ହରିଜନ, ଉଦୟ ନାଥ ସାହୁ,ସୁକାନ୍ତି ନାଗ, ସୁନୀତା କଟିମ୍ ପ୍ରମୁଖ ଶପଥ ଗ୍ରହଣ କରିଥିଲେ ।

# ଗାନ୍ଧିଜୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ପୁରୀ,୨୪/୪(ନି. ପ୍ର):ପୁରୀ ସହରର ବିଭିନ୍ନ ସମସ୍ୟାକୁ ନେଇ ଗାନ୍ଧିଜୀ ସାମାଜିକ ଅନୁଷ୍ଠାନ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ । ଅନୁଷ୍ଠାନର ଦାବି ମଧ୍ୟରେ ଜିଲ୍ଲା ଅଦାଲତ ସ୍ଥାନାନ୍ତରଣ ବନ୍ଦ କରିବା ,ବଡଦାଣ୍ଡରେ ଗାଡି ପାର୍କିଂ ବନ୍ଦ କରିବା, ବଡଦାଣ୍ଡରୁ ଆମିଷ ବିକ୍ରି ନିଷିଦ୍ଧ କରିବାକୁ କର୍ମକର୍ତ୍ତା ମାନେ ଦାବି କରିଛନ୍ତି । ସହର ବାସିନ୍ଦାଙ୍କୁ ମଶା ଦାଉରୁ ରକ୍ଷା କରିବା ପାଇଁ ମଶା ତେଲ ମଶା ଧୂଆଁ ପ୍ରୟୋଗ କରିବା, ଅଠରନଳାର ସୌନ୍ଦର୍ଯ୍ୟକରଣ, ଗରୁଡଙ୍କ ଚାରିପଟୁ ଦଳ କାର୍ଯ୍ୟକାରୀଢିବା, ମୂଷାନଈ ରୁ ଦଳ ସଫା କରିବା ପାଇଁ ଅନୁଷ୍ଠାନ ଦାବି ଉଠାଇଛି । ନାରୀ ସୁରକ୍ଷା ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ । ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିକୁ ଯେଉଁ ପ୍ରଜା ଦଖଲରେ ଅଛନ୍ତି ତାଙ୍କ ନାମରେ ସ୍ଥିତିବାନ ପଟା ପ୍ରଦାନ କରାଯାଉ । ଗୋପୀନାଥପୁର ଅନାଶିଆ ନାଳକୁ ସଫା କରାଯାଉ । ଏ ସଂପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଦାବିପତ୍ର ଦେବା ସମୟରେ ଅନୁଷ୍ଠାନ ସଭାପତି ପ୍ରସନ୍ନ କୁମାର ଲେଙ୍କା, ଉପଦେଷ୍ଟା ରାଜେଶ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ଜେନା,ସମ୍ପାଦିକା ସସ୍ମିତା ଶତପଥୀ,ଲଲାଟେନ୍ଦୁ ମିଶ୍ର, ଲକ୍ଷ୍ମୀପ୍ରିୟା ଦେ ଓ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ସହିତ ନୂତନ ରାସନ କାର୍ଡ ପ୍ରଦାନର ଶୁଭାରମ୍ଭ



ଜଳେଶ୍ୱର, ୨୪/୪ (ନି.ପ୍ର): ଜାତୀୟ ପଞ୍ଚାୟତରାଜ ଦିବସ ରାଜ୍ୟ ସ୍ତରୀୟ ସମାରୋହ ପୁରୀ ତାଳବଣିଆ ଠାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାଳନ କରା ଯାଉଥିବା ବେଳେ ସାରା ଓଡ଼ିଶାରେ ସମସ୍ତ ବ୍ଲକରେ ପାଳନ କରା ଯାଉଛି ।ଏହି ଅବସରରେ ଜଳେଶ୍ୱର ବ୍ଲକ ପକ୍ଷରୁ ଶାନ୍ତିଆ ଖେଳ ପଡ଼ିଆରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ତଥା ବ୍ଲକ ଗ୍ରାମ ପଞ୍ଚାୟତ ସାମ୍ପ୍ରସାରଣ ଅଧିକାରିଣୀ ସଲିମା ରାଉତ ମଞ୍ଚ ଆହ୍ୱାନ ଓ ପରିଚାଳନାରେ ବରେଣ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ମାନସ କୁମାର ଜେନା, ଜଳେଶ୍ୱର ପୌରପାଳ ପ୍ରତୀପ କୁମାର ପ୍ରଧାନ,ସାଂସଦଙ୍କ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ,ବିଡିଓ ଗୌରାଙ୍ଗ ଚରଣ ଘୋଷ, ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂ ମଞ୍ଚରେ ଉପସ୍ଥିତ ରହି ପ୍ରଥମେ ଅତିଥି ମାନେ ଉକ୍ତ ଦିବସକୁ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ନଡ଼ିଆ ଫଟେଇ ଉଦଘାଟନ କରିଥିଲେ ।ପରେ ଜାମ୍ମୁକାଶ୍ମୀରରେ ଶାନ୍ତାସବାଦୀଙ୍କ ଗୁଳିରେ ନିହତ ହୋଇଥିବା ପର୍ଯ୍ୟଟକଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା ।ମଞ୍ଚରେ ସରକାରଙ୍କ ଦ୍ୱାରା ବାଦ ପଡ଼ିଥିବା ହିତାଧିକାରୀ ମାନଙ୍କୁ ନୂତନ ରାସନକାର୍ଡ ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରିବା ସହିତ ସରକାରଙ୍କ ଜନହିତକର କାର୍ଯ୍ୟ ବାବଦରେ ବକ୍ତବ୍ୟ ରଖିଥିଲେ। ଜଳେଶ୍ୱର ବ୍ଲକ ର ୩୫ ଟି ଗ୍ରାମ ପଞ୍ଚାୟତର ୩୫ ଜଣ ହିତାଧିକାରୀ ଓ ମ୍ୟୁନିସିପାଲିଟିର ୧୭ ଟି ୱାର୍ଡ଼ ର ୧୭ ଜଣ ହିତାଧିକାରିଙ୍କୁ ନୂତନ ରାସନ କାର୍ଡ଼ ବଣ୍ଟନ କରା ଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ଜଳେଶ୍ୱର ବ୍ଲକର ମାର୍କେଟିଙ୍ଗ ଅଫିସର ଅବନ୍ତିକା ସାହୁ,ବ୍ଲକ ଅତିରିକ୍ତ ସହକାରୀ ଯନ୍ତ୍ରୀ ପ୍ରଭାକର ଷଡଙ୍ଗୀ ଓ ସୌମ୍ୟରଞ୍ଜନ ସାହୁ, ସେକ୍ସନ ଅଫିସର ମନ୍ଦାକିନୀ ସିଂ,ସିପି ସୁଜିତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ପ୍ରଧାନ ଓ ଅଶୋକ ପ୍ରସାଦ ମହାନ୍ତି, ବ୍ଲକ ପ୍ରଜେକ୍ଟ କୋର୍ଡିନେଟର ଶର୍ମିଷ୍ଠା ଚକ୍ରବର୍ତ୍ତୀ,ବ୍ଲକ ପ୍ରଜେକ୍ଟ ଆସିଷ୍ଟାଣ୍ଟ ସ୍ନେହଲତା ଦାସ,ମିଶନ ଶକ୍ତି ବ୍ଲକ କୋର୍ଡିନେଟର ସନ୍ତୋଷ କୁମାର ପାତ୍ର,ବ୍ଲକ ଜୀବିକା ମିଶନର ଦକ୍ଷତା ବିକାଶ କୋର୍ଡିନେଟର ଚନ୍ଦନ କୁମାର ନାଥ,ଜୀବିକା ମିଶନ ବ୍ଲକ ଲେଭୁଲ କୋର୍ଡିନେଟର ସ୍ମିତା ରାଣୀ ଦାସ ଅଧିକାରୀ,ଡିଇଓ ସନ୍ତୋଷ କୁମାର ପଣ୍ଡାଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସମସ୍ତ ସରପଞ୍ଚ, ସମିତି ସଦସ୍ୟ ସଦସ୍ୟା, ଏମବିକେ, ସିଆରପି , ଇସୀ ମେମ୍ବର, ଅଙ୍ଗନବାଡି କର୍ମୀ, ସହ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୨୪/୪ (ନି.ପ୍ର): ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ଯାଇଅଛି । ସ୍ଥାନୀୟ ଉତ୍କଳ ସାମ୍ବାଦିକ ସଂଘ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ତଥା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ହୋଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତା ସହ ଏହି ବର୍ବର ଆକ୍ରମଣ ପାଇଁ ଦାୟୀ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ବୋଲି ମତ ଦେଇଥିଲେ । ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ କହିଥିଲେ କି, ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କ ଦୁଃଖ ଆଉ କୋହ ଅକଥନୀୟ । ସେମାନଙ୍କ ପରିବାର ପ୍ରତି ଆମ ଅନୁଷ୍ଠାନ ସମେତ ସାରା ଦେଶର ସହାନୁଭୂତି ରହିଛି । ଆଜି ସାରା ଦେଶ ଆତଙ୍କବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛି। ତେଣୁ କେନ୍ଦ୍ର ସରକାର ଏହାକୁ ଗୁରୁତର ସହ ନେଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନଷ୍ଠାନ ଗ୍ରହଣ କରିବାର ସମୟ ଆସିଛି । ଅନ୍ୟ ମାନଙ୍କ ମଧ୍ୟରେ ମଦର ଅନୁଷ୍ଠାନର ସଂପାଦିକା ସସ୍ମିତା ଦାସ, ବିଶିଷ୍ଟ ସିନେ ସଂଳାପ ଲେଖକ ଡ ରଜନୀ ରଞ୍ଜନ, ନାଟ୍ୟ ବ୍ୟକ୍ତିତ୍ୱ ଶତ୍ରୁଘ୍ନ ସାମଲ, ସାମ୍ବାଦିକ ଦିଲ୍ଲୀପ ବିଶ୍ୱାଳ, ମହେନ୍ଦ୍ର ହରିଚନ୍ଦନ, ଅଶୋକ ବିଶ୍ୱାଳ, ସୁଧାଂଶୁବାଳା ସାହୁ, ସରିତା ନାଥ, କଳ୍ପନା ଶତପଥୀ, ସୁଜାତା ଲେଙ୍କା, ରାହୁଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ

# ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ

ବାସୁଦେବପୁର, ୨୪/୪ (ନି.ପ୍ର): ବାସୁଦେବପୁର ବ୍ଲକ ପରିସରରେ ଜାତୀୟ ପଞ୍ଚାୟତ ଦିବସ ପାଳିତ ହୋଇ ଯାଇଛି। ଭରଚୁଆଲ ମାଧ୍ୟମରେ ଏହି ଉତ୍ସବରେ ଭାରତର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ବକ୍ତବ୍ୟ କୁ ସମସ୍ତେ ଶୁଣିଥିଲେ। କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଥିବା ଲୋକଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ପଞ୍ଚାୟତ ରାଜ ଦିବସରେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ,ବିଡ଼ିଓ ତନ୍ମିତା କର, ଭାରତୀୟ ଜନତା ପାର୍ଟିର ବାସୁଦେବପୁର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି, ଯୁବ ନେତା ଉଦୟ ନାରାୟଣ ମଲ୍ଲିକ, ସାଂସଦଙ୍କ ପ୍ରତିନିଧି ଜୟ ପ୍ରକାଶ ମଲ୍ଲିକ,ବିଧାୟକଙ୍କ ପ୍ରତିନିଧି କବି ଅଚ୍ୟୁତାନନ୍ଦ ପାଢ଼ୀ , ସହକାରୀ ଯନ୍ତ୍ରୀ ଅନିମେସ ସୁବୁଦ୍ଧି ରାୟ,ବିଜେପିର ବିଭିନ୍ନ ମଣ୍ଡଳ ସଭାପତି ଯୋଗ ଦେଇଥିଲେ। ଏହି ଅବସରରେ ଲୋକ ମାନଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବିଜେପିର ପ୍ରତାପ ସେନାପତି, ସୁବାସ ଚନ୍ଦ୍ର ପ୍ରଧାନ, କୈଳାସ ଚନ୍ଦ୍ର ପଣ୍ଡା, ଜଗବନ୍ଧୁ ଦାସ, ହେମନ୍ତ ସନ୍ଧି ବିଗ୍ରହ, ଆଶୁତୋଷ ସାମଲ,ରତିକାନ୍ତ ଦଳେଇ, ପ୍ରଭାସ ଚନ୍ଦ୍ର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଅମିୟ ପାଣିଗ୍ରାହୀ ଓ ଅନ୍ୟାନ୍ୟ ଷ୍ଟାଫ୍ ସହଯୋଗ କରିଥିଲେ।

## ପାକିସ୍ତାନ ସରକାରଙ୍କ ଔପଚାରିକ ଏକ୍ସ ଆକାଉଂଟ ଭାରତରେ ବ୍ଲକ

ନୂଆଦିଲ୍ଲୀ, ୨୪/୪: ପାକିସ୍ତାନର ସରକାରଙ୍କ ଔପଚାରିକ ଏକ୍ସ ଆକାଉଂଟ ଭାରତରେ ବ୍ଲକ କରିଦିଆଯାଇଛି । ଏହି ପଦକ୍ଷେପ ଜମ୍ମୁ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ବଢିଥିବା ଉତ୍ତେଜନା ମଧ୍ୟରେ ନିଆଯାଇଛି । ମଙ୍ଗଳବାର ହୋଇଥିବା ଆକ୍ରମଣରେ ୨୬ଜଣଙ୍କ ମୃତ୍ୟୁ ହୋଇଛି । ପାକିସ୍ତାନ ସରକାରଙ୍କ ଏକ୍ସ ଆକାଉଂଟ ବ୍ୟାନ ଅର୍ଥ ହେଉଛି ଏଥିରେ ପୋଲ୍ଟ କରାଯାଉଥିବା କୌଣସି ବି ସାମଗ୍ରୀ ଭାରତରେ ଦେଖାଯିବନାହିଁ ।

# ପିଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାସୁଦେବପୁର , ୨୪/୪ (ନି.ପ୍ର): ବାସୁଦେବପୁର ପି ଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ରାଜ କିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଦୁଃଶାସନ ରାଉତ, ଡାକ୍ତର ଉମାକାନ୍ତ ଖୁଣ୍ଟିଆ, ପଞ୍ଚ ସଖା ଶିକ୍ଷା ସେତୁ ସଭାପତି ସଂଯୁକ୍ତା ବେହେରା, ସ୍କୁଲ୍ ପରିଚାଳନା କମିଟି ସଭାପତି ବିବେକାନନ୍ଦ ପଣ୍ଡା,ସି ଆର ସି ସି ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ସାହିତ୍ୟ ସଂସ୍କୃତି ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା । ପିଲା ମାନଙ୍କୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଜ୍ଞାନେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷକ ରମାକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଣୟ କୁମାର ମହାପାତ୍ର, ଶିକ୍ଷୟତ୍ରୀ ସୌମ୍ୟା ସୁଚରିତା ବାରିକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

**AFFIDAVIT**

An affidavit before the executive Magistrate Balasore, I, Asha Devi Khandelwal, aged about 57 years, W/O- Rajendra Prasad Khandelwal Residing at Mandal Street, Barbati, Po- Motiganj, P.S- Town, Dist- Balasore declare that my correct name is Asha Devi Khandelwal, W/o- Rajendra Prasad Khandelwal has been mentioned in all my Identity and residential proof cards like Aadhaar card, Bank Passbook, PAN Card and other relevant documents. My nick name "Asha Khandelwal" has been wrongly mentioned in my all physical shares of Reliance Industries Limited, under Regd. folio no 101649841. Asha Devi Khandelwal and Asha Khandelwal are one and same person.

**Asha Devi Khandelwal**

# ଶିକ୍ଷକ ନିଯୁକ୍ତି ଦାବିରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ



ବଡସାହି, ୨୪/୪ (ନି.ପ୍ର): ବଡସାହି ବ୍ଲକ୍ ଅଧିନ ମାଧପୁର ଉଚ୍ଚ ବିଦ୍ୟାଳୟରେ କିଛି ମାସ ଧରି ଶିକ୍ଷକ ନ ଥିବାରୁ ବିଦ୍ୟାଳୟରେ ପାଠ ପଢା ବ୍ୟାହତ ହେଉଛି । ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅନ୍ୟତ୍ର ଡେପୁଟେସନ କରାଯାଇଥିବା ବେଳେ ସେମାନଙ୍କ ସ୍ଥାନରେ ନୂତନ ଶିକ୍ଷକମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇ ନାହିଁ । ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ବାରମ୍ବାର ଶିକ୍ଷାଧିକାରିଣୀଙ୍କୁ ଅବଗତ କରିବା ସହିତ ଲିଖିତ ଅଭିଯୋଗ ମଧ୍ୟ ପ୍ରଦାନ କରିଛନ୍ତି । ମାତ୍ର ଏହାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଯାଥା ଶୀଘ୍ର ବିଦ୍ୟାଳୟର ଶିକ୍ଷକ ମାନଙ୍କର ଡେପୁଟେସନ ବାତିଲ କରିବା ନଚେତ ନୂତନ ଶିକ୍ଷମମାନଙ୍କୁ ତୁରନ୍ତ ନିଯୁକ୍ତି ନ ଦେଲେ ବିଦ୍ୟାଳୟ ପରିଚାଳନା କମିଟି, ଅବିଭାବକ ଓ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଥିଲେ । ସେମାନେ ଏ ସଂକ୍ରନ୍ତରେ ବଡସାହି ବି.ଡି.ଓ ଓ ଥାନାଧିକାରିଣୀଙ୍କୁ ମଧ୍ୟ ଅବଗତ କରିଥିଲେ । ମାତ୍ର ଅଦ୍ୟାବଧ ଦାବୀ ପୂରଣ ହୋଇ ନ ଥିବାରୁ ସେମାନେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ଅଡି ବସିଥିଲେ । ବ୍ଲକ୍ ଉପାଧକ୍ଷ କାଂଚନ ପ୍ରଧାନ ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ସେଠାରେ ପହଂଚି ପରିଚାଳନା କମିଟିର କର୍ମକର୍ତାମାନଙ୍କ ସହିତ ଶିକ୍ଷାଧିକାରିଣୀ ମଧୁସ୍ମିତା ଗିରିଙ୍କୁ ଭେଟି ଆଲୋଚନା କରିଥିଲେ । ଶିକ୍ଷକ ନିଯୁକ୍ତି ସମ୍ପର୍କରେ ଶିକ୍ଷାଧିକାରିଣୀ ପ୍ରତିଶୃତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା । ପ୍ରକାଶ ଥାଉକି ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ମାତ୍ର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଥିବା ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ସିଆରସିସି ହୋଇଥିବା ବେଳେ ୨ଜଣଙ୍କୁ ଡେପୁଟେସନ କରାଯାଇଛି । ଏହି ୮ଟି ଶ୍ରେଣୀ ସହିତ ଚଳିତ ବର୍ଷ ଠାରୁ ସରକାରଙ୍କ ନିର୍ଦ୍ଦେଶରେ ପ୍ରତି ବିଦ୍ୟାଳୟରେ ଶିଶୁ ବାଟିକା ଖୋଲାଯାଇଛି । ତେଣୁ ବର୍ତମାନ ଉକ୍ତ ବିଦ୍ୟାଳୟର ୯ଟି ଶ୍ରେଣୀ ପାଇଁ ବର୍ତମାନ ମାତ୍ର ୨ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି । ଯାହା ଫଳରେ ପିଲାମାନଙ୍କର ପାଠ ପଢାରେ ଘୋର ଅବ୍ୟବସ୍ଥା ଲାଗି ରହିଛି । ଏହାକୁ ନେଇ ଦୀର୍ଘଦିନ ଧରି ଅସନ୍ତୋଷ ଲାଗି ରହିଥିବାରୁ ଗ୍ରାମବାସୀ ଗୋଷ୍ଠୀଶିକ୍ଷାଧିକାରୀଙ୍କ କାର୍ଯାଳୟ ଘେରାଉ କରିବାକୁ ବାଧ୍ୟ ହୋଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମଧୁବନି ମାଟିରୁ ...

ଏଲଓସିରେ କରିଥିଲା ବଡ଼ ଧରଣର ସର୍ଜିକାଲ ଷ୍ଟ୍ରାଇକ୍। ଏହା ପରେ ୨୦୧୯ ଫେବ୍ରୁଆରୀରେ ପୁଲୱାମା ଆଟାକ୍ ର ମୁହଁତୋଡ଼ ଜବାବ ଦେବାକୁ ଯାଇ କରିଥିଲା ବାଲାକୋଟ୍ ଏୟାରଷ୍ଟ୍ରାଇକ୍। ରାତି ଅଧରେ ଖୋଦ୍ ପାକିସ୍ତାନ ମାଟିରେ ପଶି ଆତଙ୍କୀଙ୍କ ଟ୍ରେନିଂ କ୍ୟାମ୍ପ ଧ୍ୱଂସ କରିବା ସହ ୫ଶହରୁ ଅଧିକ ଉଗ୍ରବାଦୀଙ୍କୁ ସଫା କରିଥିଲା ଭାରତ। ଆଉ ଏବେ ପୁଣି ସେଭଳି ଏକ ସ୍ଥିତି ଓ ସଙ୍କେତ। ଆତଙ୍କୀଙ୍କ ବାକି ରହିଥିବା ଭୂଖଣ୍ଡକୁ ମାଟିରେ ମିଶାଇବା ଦେବାକୁ ମୋଦିଙ୍କ ଧମକ-ବଢ଼ାଇଛି ସମ୍ଭାବନା। ସୂଚନା ଅନୁସାରେ ପାକ୍ ଅଧିକୃତ କାଶ୍ମୀର ବା ପିଓକେରେ ଏବେ ଆକ୍ଟିଭ ଅଛି ୪୨ ଟେରରିଷ୍ଟ ଲଞ୍ଚ ପ୍ୟାଡ୍। ଯେଉଁଠି ପ୍ରାୟ ୧୩୦ରୁ ଅଧିକ ଆତଙ୍କବାଦୀ ଥିବାର ସୂଚନା ମିଳିଛି। ଏସବୁ ଟେରର କ୍ୟାଂପ ଉପରେ ଭାରତୀୟ ସେନା ଓ ଗୁଇନ୍ଦା ବିଭାଗ ତୀକ୍ଷ୍ଣ ନଜର ରଖିଛି। ଏଥିସହ ଚଙ୍କରେ ବିଭିନ୍ନ କ୍ୟାଂପରେ ଦେଢ ଶହରୁ ୨ଶହ ତାଲିମ ପ୍ରାପ୍ତ ଆତଙ୍କୀ କାଶ୍ମୀରରେ ଅନୁପ୍ରବେଶ ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ପାଇ ସଜାଗ ହୋଇଛି ସେନା।

### ପ୍ରଶାନ୍ତ ଶତପଥୀଙ୍କୁ ...

ପୈତୃକ ଗାଁ ଇସାଣୀରେ ପହଞ୍ଚିବା ପରେ ଦେଖିବାକୁ ମିଳିଥିଲା ଶୋକାକୂଳ ପରିବେଶ । ପାର୍ଥିବ ଶରୀରକୁ ଦେଖି ପ୍ରତିଟି ମଣିଷଙ୍କ ଆଖିରୁ ଲୁହ ଝରୁଥିଲା । ବୁଧବାର ରାତି ପ୍ରାୟ ସାଢ଼େ ୧୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା ପ୍ରଶାନ୍ତଙ୍କ ପାର୍ଥିବ ଶରୀର । ଉପ ମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପୋଲିସ ଡିଜି ୱାଇ.ବି.ଖୁରାନିଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ । ସକାଳ ସାଢ଼େ ୫ଟାରେ ଇସାଣୀ ଗାଁରେ ପହଞ୍ଚିଥିଲା ପ୍ରଶାନ୍ତଙ୍କ ମରଶରୀର । ଯେଉଁଠି ଅନ୍ତିମ ଦର୍ଶନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ପରିବହନ ମନ୍ତ୍ରୀ ବିଭୁତି ଜେନା ପ୍ରମୁଖ । ଶୋକାକୂଳ ପରିବେଶରେ ପ୍ରଶାନ୍ତଙ୍କ ପତ୍ନୀ, ପୁଅଙ୍କ ସମେତ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ ସମସ୍ତେ । କେବଳ ଏତିକି ନୁହେଁ, ଖଇ କଉଡ଼ି ବିଂଛି ଯାଉଥିବା ୯ ବର୍ଷର ପୁଅ ସହ ପ୍ରଶାନ୍ତଙ୍କ ଶବାଧାରରେ ବି ସାମିଲ ହୋଇଥିଲେ । ଏକମାତ୍ର ପୁଅ ମୁଖାଗ୍ନି ଦେବାପରେ ଲୁହ ଛଳଛଳ ଆଖିରେ ପ୍ରଶାନ୍ତଙ୍କୁ ବିଦାୟ ଜଣାଇଥିଲା ଜନ୍ମମାଟି । ଛୁଟି କାଟିବାକୁ ପତ୍ନୀ ଏବଂ ପୁଅ ସହ ପ୍ରଶାନ୍ତ କେତେ ଖୁସିରେ ଯାଇଥିଲେ ପହଲଗାମ୍ । କିନ୍ତୁ କିଏ ଜାଣିଥିଲା, ଆତଙ୍କୀଙ୍କ ଗୁଳିରେ ଲେଖାଥିଲା ପ୍ରଶାନ୍ତଙ୍କ ନାଁ । ଆଜି ପ୍ରଶାନ୍ତଙ୍କ ଅବର୍ତ୍ତମାନରେ କ'ଣ ହେବ ଟିକି ପୁଅର ଭବିଷ୍ୟତ ? ଉଜୁଡ଼ିଯାଇଥିବା ସଂସାର ଭିତରେ କେମିତି ଏକୁଟିଆ ଜୀଇଁବେ ପତ୍ନୀ ପ୍ରିୟଦର୍ଶିନୀ ? ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରଶାନ୍ତଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ତା'ସହ ମୃତ ପ୍ରଶାନ୍ତଙ୍କ ପତ୍ନୀଙ୍କୁ ସରକାରୀ ଚାକିରି ଓ ପୁଅର ପାଠପଢ଼ା ପାଇଁ ସରକାର ବ୍ୟବସ୍ଥା କରିବେ ବୋଲି କହିବା ସହ ଆତଙ୍କୀଙ୍କ ଏଭଳି ବର୍ବରକାଣ୍ଡକୁ ତୀବ୍ର ନିନ୍ଦା କରିଛନ୍ତି ।

### ଆୟୁଷ୍ମାନ ଯୋଜନାରୁ ...

ଅନେକ ଡାକ୍ତର ଏହାକୁ ବିରୋଧ କରୁଛନ୍ତି । ସେହିପରି ହସ୍ପିଟାଲ ସଂଘଗୁଡ଼ିକ କହିଛନ୍ତି, ବିଏସକେୱାଇରେ ପ୍ରି-ଆପ୍ରୁଭାଲ ବିକଳ୍ପ ଥିଲା । ତେଣୁ ରୋଗୀଙ୍କ ଚିକିତ୍ସାରେ ଅର୍ଥ ବାଧକ ହେଉନଥିଲା । ତେବେ ଆୟୁଷ୍ମାନ ଯୋଜନାର ସବୁଠୁ ବଡ଼ ସମସ୍ୟା ହେଲା, ସର୍ଜରୀ ତଥା ଇଂପ୍ଲାଣ୍ଟରେ କ୍ୟାପିଂ । ଉଦାହରଣସ୍ୱରୂପ- ସ୍ପାଇନ୍ ସର୍ଜରୀରେ ଦୁଇ କିମ୍ବା ୩ଟି ନଟ୍ ଲାଗିଥାଏ । କିନ୍ତୁ ,ଏହି ପ୍ୟାକେଜରେ ମାତ୍ର ଗୋଟିଏ ନଟ୍ ଲଗାଇବା ପାଇଁ ଅନୁମତି ମିଳିଛି । ଅନେକ ଇଂପ୍ଲାଣ୍ଟରେ ଥିବା କ୍ୟାପିଂ ଏତେ କମ୍ ଯେ ଚିକିତ୍ସା କରିବା ସମ୍ଭବ ନୁହେଁ ବୋଲି ଅଭିଯୋଗ ଆଣିବା ସହ ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସଚିବଙ୍କୁ ମେମୋରାଣ୍ଡମ୍ ଦିଆଯାଇଥିବା କହିଛନ୍ତି ହସ୍ପିଟାଲ ସଂଘ । ଏପଟେ ସ୍ୱାସ୍ଥ୍ୟ ସଚିବ କହିଛନ୍ତି, ଖୁବ୍ ଶୀଘ୍ର ଏ ପ୍ରସଙ୍ଗରେ ହସ୍ପିଟାଲଗୁଡ଼ିକ ସହ ଆଲୋଚନା କରାଯିବ । ଆଉ ବିଭାଗୀୟ ମନ୍ତ୍ରୀ କହିଛନ୍ତି, ଆୟୁଷ୍ମାନ ଯୋଜନାକୁ ନେଇ ଭ୍ରମ ଧାରଣା ସୃଷ୍ଟି ହୋଇଛି । ଏନେଇ ତଦନ୍ତ କରାଯାଉଛି । ଯେଉଁ ହସ୍ପିଟାଲ ଏମିତି କରୁଛନ୍ତି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

### ହିତାଧିକାରୀଙ୍କ ପାଇଁ ...

ପୂର୍ବରୁ ୫ଟି ପର୍ଯ୍ୟାୟରେ ୧ କୋଟି ୬୫ହଜାର ୮୭୭ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଥିଲା। କିନ୍ତୁ ଦ୍ୱିତୀୟ କିସ୍ତିରେ ଲକ୍ଷେ ୮୩ ହଜାର ମହିଳା ବାଦ୍ ପଡିଥିଲେ। ଫଳରେ ହିତାଧିକାରୀଙ୍କ ସଂଖ୍ୟା ୯୮ ଲକ୍ଷ ୮୨ ହଜାରକୁ ଖସି ଆସିଥିଲା। ଏବେ ପୁଣି ଲକ୍ଷେ ୭୦ ହଜାର ମହିଳାଙ୍କୁ ସାମିଲ କରିବା ଫଳରେ, ହିତାଧିକାରୀଙ୍କ ସଂଖ୍ୟା ପୁଣି କୋଟିଏ ଉପରେ ରହିବ।

### ନ୍ୟାଶନାଲ ପାର୍କ ...

ସେହି ଗ୍ରାମରେ ଲୋକମାନେ ବହୁ ବର୍ଷ ଧରି ଚାଷବାସ କରି ବସବାସ କରିଆସୁଥିଲେ ଏବଂ ବହୁ ଘରୋଇ ଜମିଥିଲା। ସେହିପରି ଶିମିଳିପାଳ ଜଙ୍ଗଲ ଉପରେ ସ୍ଥାନୀୟ ବନବାସୀଙ୍କ ଅଧିକାର ଥିଲା। ସରକାରଙ୍କୁ ସେମାନଙ୍କୁ ସମସ୍ତ ପ୍ରକାରର କ୍ଷତିପୂରଣ ପ୍ରଦାନ କରିବା ସହ ଅନ୍ୟଜଙ୍ଗଲ ଅଞ୍ଚଳରୁ ବାହାର କରି ଅନ୍ୟ ଅଞ୍ଚଳରେ ଥଇଥାନ କରିଛନ୍ତି। ସେହିପରି ଲୋକଙ୍କ ସବୁ ଅଧିକାର ପୂରଣ କରାଯାଇଛି। ଏଣୁ ଏବେ ଏହି ଅଭୟାରଣ୍ୟ ଶିମିଳିପାଳ ଜାତୀୟ ଉଦ୍ୟାନ ଘୋଷଣା ହୋଇଛି। ଏହା ଦ୍ୱାରା ଦେଶ ଓ ବିଦେଶରୁ ବହୁ ପର୍ଯ୍ୟଟକ ଆସିବେ ଏବଂ ଏହା ଦ୍ୱାରା ଉକ୍ତ ଅଞ୍ଚଳର ବିକାଶ ହୋଇ ପାରିବା ସହ ବନ୍ୟପ୍ରାଣୀ, ଜଙ୍ଗଲ ଓ ତଥା ପରିବେଶର ସୁରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଉଛି। ଏହାକୁ ଜାତୀୟ ଉଦ୍ୟାନ ର ଘୋଷଣା ପରେ ଏହା ଭାରତର ୧୦୭ ଓ ଓଡିଶାର ୨ ନମ୍ବର ଜାତୀୟ ପାର୍କ ହୋଇଛି। ଆଜି ଠାରୁ ଏହା ଶିମିଳିପାଳ ଜାତୀୟ ଉଦ୍ୟାନ ବା ନ୍ୟାଶନାଲ ପାର୍କ ଭାବରେ ପରିଗଣିତ ହୋଇଛି ବୋଲି ଜଙ୍ଗଲ ମନ୍ତ୍ରୀ ଗଣେଶରାମ କହିଛନ୍ତି। କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ବେଳେ ଏହି ସୂଚନା ଦେଇଛନ୍ତି। ଏହା ଦ୍ୱାରା ସ୍ୱତନ୍ତ୍ର ବଜେଟ କେନ୍ଦ୍ରରୁ ମିଳିବ। ସେହିପରି ବନ୍ୟପ୍ରାଣୀ ଓ ଜଙ୍ଗଲର ଅଧିକ ସୁରକ୍ଷା ହୋଇ ପାରିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଶିମିଳିପାଳ ସଂରକ୍ଷିତ ଜଙ୍ଗଲର ପରିସୀମା ୨୭୫୦ ବର୍ଗ କିଲୋମିଟର ରହିଥିବା ବେଳେ ସେଥିରୁ ୮୪୫.୭୦ ବର୍ଗ କିଲୋମିଟରକୁ ଘୋଷଣା କରାଯାଇଛି। ଏହା ବହୁ ଆଗରୁ ପେଣ୍ଡିଂ ଥିଲା ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୮୪୫.୭୦ବର୍ଗ କିଲୋମିଟର (୮୪୫୭୦ ହେକ୍ଟର) ପରିମିତ ଶିମିଳିପାଳ ଜାତୀୟ ଉଦ୍ୟାନ ଅଧିନରେ ଶିମିଳିପାଳ ସାଉଥ ବନ୍ୟପ୍ରାଣୀ ଡିଭିଜନ ଓ ଶିମିଳିପାଳ ନର୍ଥ ବନ୍ୟପ୍ରାଣୀ ଡିଭିଜନ ରହିଛି। ଏହା ମଧ୍ୟରେ ଶିମିଳିପାଳ ସଂରକ୍ଷିତ ଜଙ୍ଗଲ ରହିଛି। ଶିମିଳିପାଳ ସାଉଥ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ପିଠାବଟା ଉତ୍ତର ବନ୍ୟପ୍ରାଣୀ ରେଞ୍ଜ, ଦକ୍ଷିଣ ବନ୍ୟପ୍ରାଣୀ ରେଞ୍ଜ, ନାଓାନ ବନ୍ୟପ୍ରାଣୀ ରେଞ୍ଜ, ଜେନାବିଲ ବନ୍ୟପ୍ରାଣୀ ରେଞ୍ଜ, ନ୍ୟାଶନାଲ ପାର୍କ ବନ୍ୟପ୍ରାଣୀ ରେଞ୍ଜ, ୟୁବିକେ ବନ୍ୟପ୍ରାଣୀ ରେଞ୍ଜ ଓ ଭଞ୍ଜବସା ବନ୍ୟପ୍ରାଣୀ ରେଞ୍ଜ ରହିଛି। ଶିମିଳିପାଳ ନର୍ଥ ବନ୍ୟପ୍ରାଣୀ ଡିଭିଜନ ଅଧିନରେ ବରେହିପାଣି ବନୟପ୍ରାଣୀ ରେଞ୍ଜ, ଚହଲା ବନ୍ୟପ୍ରାଣୀ ରେଞ୍ଜ, ନଓାନା ନର୍ଥ ବନ୍ୟପ୍ରାଣୀ ରେଞ୍ଜ, ତଲବନ୍ଧ ବନ୍ୟପ୍ରାଣୀ ରେଞ୍ଜ ରହିଥିବା ସୂଚନା ମିଳିଛି। ଏଠାରେ ସୂଚନାଯୋଗ୍ୟ ଯେ, ଶିମିଳିପାଳରେ ରହିଛି ମହାବଳ ବାଘ ସମେତ ବହୁ ଜାତିପ୍ରଜାତିର ବନ୍ୟପ୍ରାଣୀ ଜୀବଜନ୍ତୁ। ସେହିପରି ବିଭିନ୍ନ ପ୍ରକାରର ବୃକ୍ଷଲତା, ଜଡିବୁଟି ରହିଛି। ପ୍ରତ୍ୟେକ ବର୍ଷ ବହୁ ପର୍ଯ୍ୟଟକ ଏଠାକୁ ବୁଲିଆସିବା ସହ ଗବେଷକମାନେ ଆସି ଗବେଷଣା କରୁଛନ୍ତି।

### ଆଉ ଦୁଇଦିନ ଜାଳିବ...

ଜିଲା ପାଇଁ ଏକ 'ୟେଲୋ ଆଲର୍ଟ' ଜାରି କରାଯାଇଛି। କଳାହାଣ୍ଡି, ନୂଆପଡ଼ା, ଦେଓଗଡ଼ ଏବଂ ଅନୁଗୁଳ ଜିଲା ପାଇଁ ମଧ 'ୟେଲୋ ଆଲର୍ଟ' ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝରଗଡ଼ ଏବଂ ଢେଙ୍କାନାଳରେ ଗରମ ଏବଂ ଆର୍ଦ୍ର ପାଣିପାଗ ପରିସ୍ଥିତି ବଳବତ୍ତର ହେବ ବୋଲି ଆଇଏମଡି କହିଛି। ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର ଏବଂ ମୟୂରଭଞ୍ଜରେ ରାତ୍ରୀ ଉଷ୍ମ ରହିବ, ଏହା ଆଇଏମଡି କହିଛି। ଆଇଏମଡି ଲୋକମାନଙ୍କୁ ଦୀର୍ଘ ସମୟ ଧରି ଗରମରେ ନ ରହିବାକୁ ଏବଂ ମଧ୍ୟାହ୍ନ ୧୧ଟାରୁ ୩ଟା ମଧ୍ୟରେ ବାହାରକୁ ଯିବା ସମୟରେ ମୁଣ୍ଡ ଢାଙ୍କିବାକୁ, ଓଦା କପଡ଼ା, ଟୋପି କିମ୍ବା ଛତା ବ୍ୟବହାର କରିବାକୁ ପରାମର୍ଶ ଦେଇଛି। ଗୁଳୁଗୁଳିକୁ ଥଣ୍ଡା ଏବଂ ଛାୟାଯୁକ୍ତ ସ୍ଥାନରେ ରଖିବାକୁ ଏବଂ ସେମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଏହା କହିଛି। "ମଦ, ଚା, କଫି ଏବଂ କାର୍ବୋନେଟେଡ୍ ସଫ୍ଟ ଡ୍ରିଙ୍କ୍ସ ଏଡ଼ାନ୍ତୁ, ଯାହା ଶରୀରକୁ ଜଳଶୂନ୍ୟ କରିଥାଏ, ଏବଂ ଉଚ୍ଚ ପ୍ରୋଟିନ ଯୁକ୍ତ ଖାଦ୍ୟ ଏବଂ ବାସି ଖାଦ୍ୟ ଖାଇବା ଏଡ଼ାନ୍ତୁ," ଏହା ଯୋଗ କରିଛି। ତେବେ ୨୭ ତାରିଖ ଅର୍ଥାତ ରବିବାର ବେଳକୁ ତାତି କମିବାର ସମ୍ଭାବନା ରହିଛି। ରବିବାର ରାଜ୍ୟର ପ୍ରାୟ ସମସ୍ତ ଜିଲାରେ କାଳବୈଶାଖୀ ବର୍ଷା ସାଙ୍ଗକୁ ବିଜୁଳି ଘଡଘଡି ହେବା ନେଇ ଚେତାବନୀ ଜାରି କରାଯାଇଛି।

# ପଞ୍ଚାୟତିରାଜ ଦିବସରେ ନୂଆ ରେସନ କାର୍ଡ ବଣ୍ଟନ

ବାଲିଆପାଳ , ୨୪/୪ (ନି.ପ୍ର): ଜାତୀୟ ପଞ୍ଚାୟତିରାଜ ଦିବସ ବାଲିଆପାଳ ବ୍ଲକ ପରିସରରେ ଗୁରୁବାର ପୂର୍ବାହ୍ନ ୧୧ଟା ରେ ଅନୁଷ୍ଠିତ ହୋଇଯାଇଛି। ପୁରୀରୁ ଆଭାସି ମାଧ୍ୟମରେ ମୁଖ୍ୟ ମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବାଲିଆପାଳ ବ୍ଲକ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଭାରପ୍ରାପ୍ତ ବିଡିଓ ସାଇ ଶ୍ରୀ ଲୋକନାଥ ପ୍ରସାଦ ସେଠି, ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମୁକୁଳ ସୌମ୍ୟ ବାରିକ ପ୍ରମୁଖ ଉପସ୍ଥିତ ରହି ବାଲିଆପାଳ ବ୍ଲକ ରେ ଯୋଗ୍ୟ ୪୬ ହିତାଧିକାରୀଙ୍କୁ ନୂଆ ରେସନ କାର୍ଡ ବଣ୍ଟନ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ୨୮ ପଞ୍ଚାୟତ ର ଜନପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀ ର ମହିଳା ଯୋଗଦେଇ ଥିଲେ।

ଶୁକ୍ରବାର, ଏପ୍ରିଲ ୨୫, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପେହେଲାଗାଁରେ ମୃତ ତୀର୍ଥ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଏମସିଏମଏମରେ ଶ୍ରଦ୍ଧାଞ୍ଜଳି ସଭା




ବାରିପଦା , ୨୪/୪ (ନି.ପ୍ର): ସ୍ଥାନୀୟ ମହାରାଜପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଦ୍ୱାରା ଏକ ଶୋକ ସଭା ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି। ନିକଟରେ ଜାମ୍ମୁ କାଶ୍ମୀର ଗ୍ରସ୍ତ ରେ ଯାଇଥିବା ୨୮ ଜଣ ତୀର୍ଥଯାତ୍ରୀଙ୍କୁ ଆତଙ୍କବାଦୀ ମାନେ ଅତି ନିର୍ଦ୍ଦୟ ଭାବେ ହତ୍ୟା କରିଥିଲେ। ଏହାକୁ ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ମୃତ ବ୍ୟକ୍ତିଙ୍କ ର ଆତ୍ମା ର ସତଗତି ନିମନ୍ତେ ଏକ ଶୋକ ସଭା ର ଆୟୋଜନ କରାଯାଇଥିଲା। ଏହି ଅମାନୁଷିକ ଘଟଣାକୁ ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକା ମାନେ ଦୃଢ ନିନ୍ଦା କରି ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭ ରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକ ସଭା ରେ ଉପାଧକ୍ଷା ସଂଘମିତ୍ରା ରାଉତ,ବି ଏ ଏଲ ଏଲ ବି ବିଭାଗର ସଂଯୋଜକ ଡ଼ ଜିତେନ୍ଦ୍ର କୁମାର ଦାସ, ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ଅଧ୍ୟାପିକା ସୁଜାତା ପାଲ, ପ୍ରତିଭା ଦାସ, କିରଣବାଳା ବାସ୍କେ,ସୁଶ୍ରୀ ନାୟକ, ମୟୁରଭଞ୍ଜ ସାଇନ୍ସ ହାୟର ସେକେଣ୍ଡରୀ ସ୍କୁଲ ର ଅଧକ୍ଷ୍ୟା ଦେବାଶ୍ରିତ ବିଶ୍ୱାଳ, ମହର୍ଷି ପବ୍ଲିକ ସ୍କୁଲ ର କର୍ମଚାରୀ ତଥା ବହୁ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ଆନ୍ତର୍ଜାତିକ ସମବାୟ ବର୍ଷରେ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ଠାରେ ରକ୍ତଦାନ ଶିବିର



ଖୋର୍ଦ୍ଧା , ୨୪/୪ (ନି.ପ୍ର): ଆନ୍ତର୍ଜାତିକ ସମବାୟ ବର୍ଷ - ୨୦୨୫ ଉପଲକ୍ଷେ ଉପନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ବିଭାଜନ ଖୋର୍ଦ୍ଧା ଙ୍କ ଅନୁକୁଲ୍ୟରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିସରରେ ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଓ ରକ୍ତଦାନ ଏକ ମହତ କାର୍ଯ୍ୟ ହୋଇଥିବାରୁ ଆନ୍ତର୍ଜାତିକ ସମବାୟ ବର୍ଷ ରେ ପ୍ରତି ଜିଲ୍ଲାରେ ଏକ ରକ୍ତଦାନ ଶିବିର କରି ରକ୍ତ ର ଅଭାବ କୁ କିଂଚିତ ଭାବରେ ଲାଘବ କରିବାକୁ ଓଡିଶା ସରକାରଙ୍କ ସମବାୟ ବିଭାଗ ତରଫରୁ ପ୍ରତି ଜିଲ୍ଲା କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଓ ଉକ୍ତ ରକ୍ତଦାନ ଶିବିରକୁ ଖୋର୍ଦ୍ଧା ଉପଜିଲ୍ଲାପାଳ ଶ୍ରୀଯୁକ୍ତ କିଶୋର କୁମାର ପଣ୍ଡା ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀମତୀ ରାଜଶ୍ରୀ ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ଏହି ଶିବିର କୁ ଉଦ୍ଘାଟନ କରିଥିଲେ ଓ ଉକ୍ତ ଶିବିରର ଆୟୋଜକ ଶ୍ରୀମତୀ ଅଲକାନନ୍ଦ ଜେନା , ଉପନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ବିଭାଜନ , ବରିଷ୍ଠ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ,ଖୋର୍ଦ୍ଧା ଶ୍ରୀମତୀ ଉର୍ମିଳା ଦାସ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ଶ୍ରୀଯୁକ୍ତ ଅଭିଷେକ ସିଂହ ସାମନ୍ତ ,ସମ୍ପାଦକ ଶ୍ରୀ ସାରଥୀ ଶତପଥୀ ,ସହପ୍ରବନ୍ଧକ ସନ୍ଦୀପ ପଟ୍ଟନାୟକ ,ଶ୍ରୀ ତପନ ଦାସ ,ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଏହି ଶିବିରରେ ଉପସ୍ଥିତ ଥିଲେ ଓ ଏହି ଶିବିରକୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ର ଡାକ୍ତର ସୌରଭ ରାୟ,ଅର୍ଜ୍ଜୁନ ସାହୁ, ଝୁନିଲତା ସାହୁ , ବୀଚିସ୍ମିତା ପୁହାଣ, ଯଶଜୀତ ଚମ୍ପତି ,ଝାନ୍ସୀରାଣୀ ପାତ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ ରହି ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ ଓ ଏହି ଶିବିରରେ ବ୍ୟାଙ୍କର କର୍ମଚାରୀ ଭବାନୀ ମୋହନ ସିହ୍ନା,ତପନ କୁମାର ଚୌଧୁରୀ ଜଗନ୍ନାଥ ପାଲ ,ସୁଶାନ୍ତ ପ୍ରଧାନ,ରାକେଶ କୁମାର ପାଇକରାୟ ,ଜ୍ୟୋତିରଞ୍ଜନ ରାଉତରାୟ ,ପ୍ରଭୁ ପ୍ରସାଦ ପଟ୍ଟନାୟକ ଓ ସମିତିର ବରିଷ୍ଠ ସମ୍ପାଦକ ଋଜ ସାମନ୍ତରାୟ ଓ ବିଶ୍ୱନାଥ ମହାରଣା , ଖୋର୍ଦ୍ଧା ର ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରକ୍ତଦାନ କରିଥିଲେ କ୍ଷ ଏହି ରକ୍ତଦାନ ଶିବିରରେ ମୋଟ ୧୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ଓ ବ୍ୟାଙ୍କର ସମ୍ପାଦକଙ୍କ ଧର୍ମପନ୍ତୀ ଶ୍ରୀମତୀ ବେବିଲତା ଶତପଥୀ ମଧ ଉକ୍ତ ରକ୍ତଦାନ ଶିବିରରେ ରକ୍ତଦାନ କରିବା ସହିତ ଉପସ୍ଥିତ ସମସ୍ତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

## ସରକାରଙ୍କ ନିୟମକୁ ବେଖାତିର କରୁଛନ୍ତି ରାସନ୍ ଯୋଗାଣ କେନ୍ଦ୍ର



ବାଲିଆପାଳ , ୨୪/୪ (ନି.ପ୍ର): ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ରାସନ୍ ଚାଉଳ ବଣ୍ଟନକୁ ନେଇ ହିତାଧିକାରୀ ଙ୍କର କୌଣସି ଅସୁବିଧା ନହେଉ ସେଥିପାଇଁ ଯୋଗାଣ ମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ ରହିଥିବା ବେଳେ ବାଲିଆପାଳ ବ୍ଲକରେ ଦୁର୍ଗା ମଣି ରାଉଳ କୋଣ୍ଟ୍ରୋଲ ଡିଲରେ ଦେଖାଦେଉଛି ଅବ୍ୟବସ୍ଥା। ସୁଚନା ଅନୁସାରେ ବ୍ଲକରୁ ୩୦୦ ମିଟର ଦୂରରେ ଥିବା ଦୁର୍ଗା ମଣି ରାଉଳ ରାସନ୍ ଯୋଗାଣ କେନ୍ଦ୍ର। ଏହି କେନ୍ଦ୍ର ଉପରେ ୧୨୦୦ ରେସନ୍ କାର୍ଡ ହିତାଧିକାରୀ ନିର୍ଭର କରିଥାନ୍ତି। କେନ୍ଦ୍ର ଗୁଡିକରେ ହିତାଧିକାରୀଙ୍କ ସୁରକ୍ଷା ପାଇଁ ବଣ୍ଟନ ପ୍ରକ୍ରିୟାର ସମୟ ଧାର୍ଯ୍ୟ ସକାଳ ୭ ରୁ ୧୦ ଏବଂ ଅପରାହ୍ନ ୪ ରୁ ରାତି ୮ ପର୍ଯ୍ୟନ୍ତ ରହିଛି। ସେହିପରି କେନ୍ଦ୍ର ଗୁଡିକରେ ସ୍ୱଚ୍ଛ ପାନୀୟ ଜଳ , ହିତାଧିକାରୀଙ୍କୁ ଛାଇର ବ୍ୟବସ୍ଥା ସହିତ ହିତାଧିକାରୀ ମାନେ ଯେପରି ଅଂଶୁଘାତରେ ଶିକାର ନହେବେ ସେଥିପାଇଁ କେନ୍ଦ୍ର ଗୁଡ଼ିକୁ ଯତ୍ନବାନ ହେବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହି ଯୋଗାଣ କେନ୍ଦ୍ରଟି ସରକାରଙ୍କ ନିୟମକୁ ଖୋଲା ଖୋଲି ଭାବରେ ଉଲଘଂନ କରୁଥିବା ନେଇ ଅଭିଯୋଗ ହେଇଛି। ସରକାର ଙ୍କ ନିୟମ ଉଲଘଂନ ସମ୍ପର୍କରେ ବାଲିଆପାଳ ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ କହିଛନ୍ତି ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ମୁମ୍ବାଇରେ ସୁରକ୍ଷା ବୃଦ୍ଧି

ମୁମ୍ବାଇ, ୨୪/୪ (ନି.ପ୍ର): ଜମ୍ମୁ କଶ୍ମୀରର ପହଲଗାମରେ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ସୁରକ୍ଷା ବୃଦ୍ଧି କରାଯାଇଛି । ଏହାସହିତ ଭିଡ ସ୍ଥାନରେ ପୋଲିସର ଗସ୍ତ ବୃଦ୍ଧି କରାଯାଇଛି ଏବଂ ଗାଡିଗୁଡିକର ନିରୀକ୍ଷଣ କରାଯାଉଛି । ପୋଲିସ ସୂତ୍ର ମୁତାବକ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ମୁମ୍ବାଇ ପୋଲିସର ଅଧିକାରୀଙ୍କ ଜରୁରୀକାଳୀନ ବୈଠକ ପରେ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଧାର୍ମିକ ସ୍ଥଳ, ଐତିହାସିକ ସ୍ଥଳର ସୁରକ୍ଷା ବୃଦ୍ଧି କରାଯାଇଛି । ଏହାସହିତ ମୁମ୍ବାଇର କୋଣ ଅନୁକୋଣରେ ପୋଲିସ ନଜର ରଖିଛି । ଭିଡ ସ୍ଥାନରେ ପୋଲିସ ସାଧା ପୋଷାକରେ ପ୍ରହରା ଦେଉଛି ।

## ଆତଙ୍କବାଦୀ ଗୁଳି ମାଡ଼ରେ ଦେହାନ୍ତ ହୋଇଥିବା ପ୍ରଶାନ୍ତଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ଖଇରା,୨୪/୪(ନିପ୍ର): ପୁଲବମାରେ ଆତଙ୍କବାଦୀ ଗୁଳି ମାଡ଼ରେ ଦେହାନ୍ତ ହୋଇଥିବା ପ୍ରଶାନ୍ତ ଶତପଥି ଙ୍କ ପାଇଁ କ୍ୟାଣ୍ଡେଲ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଇରା କଲେଜ ଅଧକ୍ଷଙ୍କ ନିର୍ଦ୍ଦେଶରେ ଲେପଣ୍ଟାଣ୍ଡ ଉଦୟ ରଞ୍ଜନ ଦାସ ଙ୍କ ନେତୃତ୍ୱରେ ଛାତ୍ର ଛାତ୍ରୀ ମାନେ ଖଇରା କଲେଜ ରୁ ବାହାରି ବ୍ଲକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭା ଯାତ୍ରା କରିଥିଲେ । ବିଭିନ୍ନ ପ୍ରକାର ପ୍ରକାର ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ସହିଦ ମାନଙ୍କର ଆତ୍ମା ର ସତଗତି କାମନା କରିଥିଲେ । ଖଇରା କଲେଜ ଅଧ୍ୟାପକ ଦୀନବନ୍ଧୁ ଦେ,ସମରଜିତ ସାମଲ, ଡ଼ଃ ସୁଜିତ କୁମାର ଛାଟିଆ,ଉଷାସୀନ ନାୟକ , ବିମନ ବାରିକ, ପ୍ରଶାନ୍ତ କୁମାର ପାତ୍ର, ପ୍ରଫୁଲ କୁମାର ସାହୁ ଙ୍କ ସମେତ ଶତାଧିକ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ଥିଲେ।

DSPL-40

# ବିଶ୍ୱ ମ୍ୟାଲେରିଆ ଦିବସ

- ୨୫ ଏପ୍ରିଲ୍ ୨୦୨୫ -

**ଆମଠାରୁ ମ୍ୟାଲେରିଆର ଅନ୍ତ ଘଟିବ : ଏଥି ନିମନ୍ତେ ପୁନର୍ବିନିଯୋଗ, ପୁନଃଚିନ୍ତନ, ପୁନୋରୁଦ୍ଧିପିତ କରନ୍ତୁ**

ଆପଣ ଜାଣନ୍ତି କି ?

**ମାଈ ଆନୋଫିଲିସ୍ ମଶା ମ୍ୟାଲେରିଆ ପରଜୀବୀର ବାହକ**

ମ୍ୟାଲେରିଆର ଲକ୍ଷଣ : ଶୀତ ଓ କମ୍ପ ସହିତ ଜ୍ୱର ହୁଏ, ମୁଣ୍ଡ ବିନ୍ଧା ହୁଏ ଓ ବାନ୍ତି ଲାଗିପାରେ। ଅଧିକ ଜ୍ୱର ଯୋଗୁଁ ରୋଗୀ ବାଉଳି ଗଉଳି ହୋଇପାରେ ଓ ବାତ ମାରିପାରେ।

ମ୍ୟାଲେରିଆ ନିରାକରଣର ୩ଟି ମୂଳମନ୍ତ୍ର

ଜ୍ୱର ହେଲେ ରକ୍ତ ପରୀକ୍ଷା ଓ ସମ୍ପୂର୍ଣ୍ଣ ଚିକିତ୍ସା

ସମନ୍ୱିତ ମଶା ନିୟନ୍ତ୍ରଣ



ଜନ ସହଯୋଗ ଓ ସହଭାଗିତା



ଚିକିତ୍ସା ଓ ପ୍ରତିକାର :

- ଜ୍ୱର ହେଲେ ଅତିଶୀଘ୍ର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କିମ୍ବା ଆଶାକର୍ମୀଙ୍କ ଦ୍ୱାରା ରକ୍ତ ପରୀକ୍ଷା କରାନ୍ତୁ। ମ୍ୟାଲେରିଆ ଜଣାପଡିଲେ ଔଷଧ ପୁରାମାତ୍ରାରେ ଖାଆନ୍ତୁ।
- ପ୍ରତିଦିନ ମଶାରି ଟାଣି ଶୁଅନ୍ତୁ।
- ଘର ଓ ଆଖପାଖରେ ଥିବା ବଣବୁଦା ସଫା କରନ୍ତୁ ଏବଂ ପାଣି ଜମିବାକୁ ଦିଅନ୍ତୁ ନାହିଁ।

ଆସ ଆଜି ଆମେ ଶପଥ ନେବା, ଆମ ପରିବେଶ ସଫା ରଖିବା।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ଆୟୋଜିତ



ବାଲେଶ୍ୱର, ୨୪/୪ (ନି.ପ୍ର): ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଆଜି ପୂର୍ବାହ୍ନରେ ସଦର ମହକୁମାସ୍ଥିତ ଆୟୁଷ୍ମାନ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇ ନିଜ ବକ୍ତବ୍ୟରେ ତୃଣମୂଳସ୍ତରର ଗଣତନ୍ତ୍ରର ଶକ୍ତି ଓ ସାମର୍ଥ୍ୟକୁ ପାଳନ କରିବା ପାଇଁ ହୋଇଥିବା ପଞ୍ଚାୟତିରାଜର ମହତ୍ତ୍ୱ ବାବଦରେ ମାନ୍ୟବର ମନ୍ତ୍ରୀ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସଶକ୍ତ ହେଲେ ଏକ ଉନ୍ନତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇପାରିବ । ୭୩ତମ ସମ୍ବିଧାନ ସଂଶୋଧନ କାର୍ଯ୍ୟକାରୀ ହେବା ପରେ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବା ସହ ଗ୍ରାମୀଣ ସ୍ୱୟଂଶାସନକୁ ସଶକ୍ତ କରିଥିଲା। ତୃଣମୂଳ ସ୍ତରରେ କ୍ଷମତାର ବିକେନ୍ଦ୍ରୀକରଣ କରିବା ଏବଂ ଯୋଜନା ଓ ବିକାଶ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ ଥିଲା ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ । ଏହା ସହ ସରକାର ଗୋଟିଏ ଦିନରେ ଅନେକ ଯୋଜନାର ପ୍ରଣୟନ କରିବା ଯେମିତି ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ , ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଆଜି ଓଡ଼ିଶାର ସମସ୍ତ ୩୧୪ ଗୋଟି ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ , ଡିଜିଟାଲ ଇଣ୍ଡିଆ, ଗ୍ରାମ ପଞ୍ଚାୟତକୁ ନିଜସ୍ୱ ଆୟ ବୃଦ୍ଧି , ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ସହ ବିଗତ ଦିନରେ ପ୍ରତି ଗ୍ରାମପଞ୍ଚାୟତରେ ଗୁଣାତ୍ମକ ପ୍ରାଥମିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ଓଡିଶାବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କେନ୍ଦ୍ର ସରକାର ଏବଂ ଓଡିଶା ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଲୋକକେନ୍ଦ୍ରିକ ହେବା ସହ ରାଜ୍ୟକୁ ସବୁ ଦିଗରୁ ବଳିଷ୍ଠ କରିଛି ବୋଲି ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ । ଉକ୍ତ ସଭାରେ ସମ୍ମାନନୀୟ ଅତିଥି ରୂପେ ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ କୁମାର ଦତ୍ତଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଡ଼. ମଧୁସ୍ମିତା ସାମନ୍ତରାୟ ଓ ସଦର ବିଡ଼ିଓ ଶ୍ରୀ ଉତ୍ତମ ଜେନା ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ଅବସରରେ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗ୍ରାମ ପଞ୍ଚାୟତମାନଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜମ୍ମୁ କାଶ୍ମୀର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସକାଶେ ନୀରବ ପ୍ରାଥନା କରାଯାଇଥିଲା । ଉପସ୍ଥିତ ଲୋକେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଅଭାଷୀ ମାଧ୍ୟମରେ ଦେଖିଥିଲେ ।

## ପଳାଶୁଣିରୁ ୧୧ ବର୍ଷର ନାବାଳକ ନିଖୋଜ

ଭୁବନେଶ୍ୱର, ୨୪/୪ (ନି.ପ୍ର): ଭୁବନେଶ୍ୱର ପଳାଶୁଣି ଅଂଚଳରୁ ଜଣେ ୧୧ ବର୍ଷର ନାବାଳକ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ନାବାଳକ ଜଣକ ପଳାଶୁଣି ଅଂଚଳରେ ପରିବାର ସହ ରହୁଥିଲେ । ନିଖୋଜ ହୋଇଥିବା ନେଇ ପରିବାର ଲୋକେ ମଂଚେଶ୍ୱର ଥାନାରେ ଗତ୧୯ ତାରିଖରେ ଏତଲା ଦେଇଥିଲେ। ଏତଲା ଆଧାରରେ ନାବାଳକଙ୍କୁ ଉଦ୍ଧାର ପାଇଁ ଛାନଭିନ ଜାରି ରଖିଛି ପୋଲିସ୍।

## ସ୍ୱାମୀର ପରକିୟା ପ୍ରୀତିକୁ ନେଇ ସ୍ତ୍ରୀର ସନ୍ଦେହ: ସ୍ତ୍ରୀକୁ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ



ନୀଳଗିରି , ୨୪/୪ (ନି.ପ୍ର): ସ୍ୱାମୀର ପରକୀୟା ପ୍ରୀତିକୁ ନେଇ ସ୍ତ୍ରୀ ସନ୍ଦେହ କରି ବିରୋଧ କରିବାରୁ ସ୍ୱାମୀର ନିର୍ଯାତନା ବଢ଼ି ଯାଇଥିଲା। ଶେଷରେ ଯନ୍ତ୍ରଣା ସହିନପାରି ଥାନାର ଦ୍ୱାରସ୍ଥ ହୋଇଛି ସ୍ତ୍ରୀ।ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନୀଳଗିରି ଏନଏସି ଅଞ୍ଚଳରେ। ପ୍ରାପ୍ତସୂଚନାରୁ ଜଣାପଡ଼ିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ୮ ନମ୍ବର ୱାର୍ଡ଼ ଗୁଡିଖାଣିଆ ଗ୍ରାମର ହେମନ୍ତ ମୁର୍ମୁ ୫ବର୍ଷପୂର୍ବରୁ କର୍ଣ୍ଣାଟକ ବାଙ୍ଗାଲୋର ଅଞ୍ଚଳ ମେଜେଷ୍ଟି ରୋଡ଼ସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରିଆସୁଥିଲେ । ପରବର୍ତ୍ତୀ ସମୟରେ ଉକ୍ତ ଅଞ୍ଚଳର ନରସୀମ୍ମା ରେଡ୍ଡୀଙ୍କ ଝିଅ ଶ୍ରାବଣୀ ରେଡ୍ଡୀ (୨୩)ଙ୍କ ସହିତ ଦେଖା ହେବାପରେ ସମ୍ପର୍କ ବଢ଼ି ପ୍ରେମରେ ବଦଳି ଯାଇଥିଲା ।ପରେ ଉଭୟ ପରିବାରଙ୍କ ସହମତିରେ ହେମନ୍ତ ଶ୍ରାବଣୀଙ୍କୁ ବିବାହ କରି ନୀଳଗିରି ଘରକୁ ନେଇ ଆସିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ଔରସରୁ ପ୍ରଣଇତା ନାମକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ ।ଯାହାର ବୟସ ଏବେ ୩ବର୍ଷ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ସ୍ୱାମୀ ହେମନ୍ତ ବାହାରେ ପରକୀୟା ପ୍ରୀତିରେ ମାତି ସ୍ତ୍ରୀକୁ ଅବହେଳା କରିବା , ବାରମ୍ବାର ନିର୍ଯ୍ୟାତନା ଦେବାସହ ମାଡ଼ମାରି ଖଣ୍ଡିଆ ଖାବରା କରିଆସୁଥିଲେ। ଏନେଇ ସ୍ତ୍ରୀ ଶ୍ରାବଣୀ ନୀଳଗିରି ଥାନାରେଏକ ଲିଖିତ ଅଭିଯୋଗ କରିଛନ୍ତି। ନୀଳଗିରି ପୋଲିସ ତଦନ୍ତ ଜାରିରଖିଥିବା ବେଳେ ସ୍ତ୍ରୀ ଶ୍ରାବଣୀ ଏବେ ମାଡଖାଇ ନୀଳଗିରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ବଡ଼ସାହି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ଶୋକପ୍ରସ୍ତାବ

ବଡ଼ସାହି , ୨୪/୪ (ନି.ପ୍ର): ରାଜ୍ୟ ପେନସନର ମହାସଂଘର ଆହ୍ୱାନ କ୍ରମେ ବଡ଼ସାହି ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ପକ୍ଷରୁ ଅର୍ଥ ଆଇନ ୨୦୨୫ର ୪ର୍ଥ ଭାଗରେ କରାଯାଇଥିବା ସଂଶୋଧନକୁ ଉଛେଦ କରିବା ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଗତ ୨୨ତାରିଖରେ ଦିଆଯାଇଥିବାରୁ ସମସ୍ତ ସଦସ୍ୟ ସନ୍ତୋଷ ପ୍ରକାଶ କଲେ। ୨୫ତାରିଖ ସଙ୍ଘର ସାପ୍ତାହିକ ଅଧିବେଶନରେ ଜାମୁକାଶ୍ମୀରର ପହଲଗାଁଓରେ ସନ୍ତ୍ରାସବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ମାନଙ୍କ ଆତ୍ମାର ସଦ୍ଗତିପାଇଁ ଏକ ମିନିଟ୍ ନୀରବପ୍ରାର୍ଥନା କରାଗଲା। ଭାରତୀୟ ସମ୍ବିଧାନରେ ସନ୍ତ୍ରାସବାଦର ସ୍ଥାନ ନାହିଁ । ଏହାକୁ ଦୃଢଭାବେ ନିନ୍ଦା କରାଯିବା ସହ ମୃତକମାନଙ୍କ ସମ୍ପର୍କୀୟମାନଙ୍କୁ ପ୍ରଭୁ ଶକ୍ତି ଦିଅନ୍ତୁ ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଲା । ଶ୍ରଯୁକ୍ତ ରଣଜିତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ଶ୍ରୀଯୁକ୍ତ ବଂକିମ ବିହାରୀ ପାତ୍ର ପ୍ରସ୍ତାବ ଆଗତ କରିଥିଲେ ଏବଂ ସମସ୍ତ ସଦସ୍ୟ ଏହାକୁ ସମର୍ଥନ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida